RNI No.ODIODI/2010/33031
୧୭ ବର୍ଷ Volume-17
ISSUE -109 ସଂଖ୍ୟା-୧୦୯
ଭୁବନେଶ୍ୱର, ବୁଧବାର ୦୮ ଜୁଲାଇ ୨୦୨୬
Bhubaneswar, Wednesday 08 July, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ରାଜ୍ୟରେ ନାହିଁ ବନ୍ୟା ସ୍ଥିତି



## କୋଇଲିଘୁଘର ଜଳପ୍ରପାତ ଭୟଙ୍କର ରୂପ

ଲଗାଣ ବର୍ଷା ପ୍ରଭାବରେ ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଇଲିଘୁଘର ଜଳପ୍ରପାତ ଭୟଙ୍କର ରୂପ ଧାରଣ କରିଛି । ଜଳପ୍ରପାତରେ ପାଣିର ସ୍ରୋତ ଅସ୍ୱାଭାବିକ ଭାବେ ବୃଦ୍ଧି । ଜଳ ପ୍ରପାତ ନିକଟରେ ଥିବା ପ୍ରସିଦ୍ଧ ଶୈବ ପୀଠ ଭିତରେ ବର୍ଷା ପାଣି ପ୍ରବେଶ କରିଛି । ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଫଳରେ କୋଇଲିଘୁଘର ଜଳ ପ୍ରପାତ ପାଣି ବୃଦ୍ଧି ପାଇଛି । ଜଳସବୁଠାରୁ ଚିନ୍ତାର ବିଷୟ ହେଉଛି ଜଳପ୍ରପାତର ନିକଟସ୍ଥ ପ୍ରସିଦ୍ଧ ଶିବ ମନ୍ଦିର ପରିସର ଦେଇ ପ୍ରବାହିତ ହେଉଛି। ମନ୍ଦିର ଚତୁର୍ଦ୍ଦିଗରେ ପାଣି ଭରି ରହିଥିବାରୁ ଶ୍ରଦ୍ଧାଳୁ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। କୋଇଲିଘୁଘରରୁ ବାହାରୁଥିବା ଏହି ଜଳଧାରା ଅହିଡା ନାଳ ଦେଇ ହୀରାକୁଦ ଜଳଭଣ୍ଡାରରେ ମିଶୁଥିବାରୁ ବର୍ଷା ଜାରି ରହିଲେ ନାଳ କୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି । ବିଶେଷକରି ଛୁଇଁଖାଁଚ, ଦେବଦର, ତେଲେନ, କୁରେମାଲ, ସମରବଗା ଓ କୁଡାବଗା ଗ୍ରାମର ଲୋକେ ସମ୍ଭାବ୍ୟ ବନ୍ୟାକୁ ନେଇ ଚିନ୍ତାରେ ରହିଛନ୍ତି। କେବଳ ଜନବସତି ନୁହେଁ, ଅହିଡା ନାଳା ସଂଲଗ୍ନ ବିସ୍ତୀର୍ଣ୍ଣ ଚାଷଜମି ମଧ୍ୟ ଜଳମଗ୍ନ ହେବାର ଆଶଙ୍କା ଦେଖାଦେଇଛି ।

ଭୁବନେଶ୍ୱର,୭।୭(ନି.ପ୍ର.): ରାଜ୍ୟରେ ବର୍ତ୍ତମାନ ବନ୍ୟା ସ୍ଥିତି ନାହିଁ। ବୈତରଣୀରେ ଯେଉଁ ବନ୍ୟା ସ୍ଥିତି ଉପୁନ୍ନ ହୋଇଛି ତାହା ସ୍ୱାଭାବିକ ହୋଇଯିବ । ସେପଟେ ହୀରାକୁଦ ଜଳ ଭଣ୍ଡାରରେ ଜଳ ସ୍ତର ବଢୁଥିବାବେଳେ ବନ୍ୟା ସ୍ଥିତି ଆସି ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ।

ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, ଉପରମୁଣ୍ଡାରେ ଲଗାଣ ବର୍ଷା ଯୋଗୁଁ ମହାନଦୀ ଫୁଲୁଛି ଏବଂ ହୀରାକୁଦରେ ଜଳସ୍ତର ବୃଦ୍ଧି ପାଉଛି । ବର୍ତ୍ତମାନ ହୀରାକୁଦ ଜଳ ଭଣ୍ଡାର ଜଳସ୍ତର ୬୦୬.୧୨ ଫୁଟ୍ ରହିଛି, ଅର୍ଥାତ ୨୬ ପ୍ରତିଶତ ଜଳ ପୂର୍ଣ୍ଣ ହୋଇଛି । ବର୍ତ୍ତମାନ ଜଳ ଭଣ୍ଡାରକୁ ୧ ଲକ୍ଷ ୮୦ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ଆସନ୍ତାକାଲି ୨ ଲକ୍ଷ ୫୦ ହଜାର କ୍ୟୁସେକ ଜଳ ପ୍ରବେଶ କରିବ । ତଥାପି ଏହି ସମୟରେ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ କମ୍ ଜଳ ସ୍ତର ରହିଛି । ଗତ ବର୍ଷ ଏହି ସମୟରେ ୬୦୯ ଫୁଟ୍ ଜଳ ରହିଥିଲା । ଗତବର୍ଷ ଅପେକ୍ଷା ୨ରୁ ୩ ଫୁଟ୍ ତଳେ ଜଳସ୍ତର ରହିଛି । ତେଣୁ ଜଳ ସ୍ତର ୬୦୯ ଫୁଟରେ ପହଁଚିଲେ ୯ ତାରିଖରେ ହୀରାକୁଦ ଗେଟ୍ ଖୋଲାଯିବାକୁ ନିଷ୍ପତି ହୋଇଛି । କେତେ ଗେଟ୍ ଖୋଲାଯିବ କାଲିର ଜଳସ୍ତର ଦେଖି ନିଷ୍ପତ୍ତି ନିଆଯିବ ।

ସେପଟେ ମୁଣ୍ଡଳି ବ୍ୟାରେଜରେ ଆଜି ସକାଳ ସୁଦ୍ଧା ୩ ଲକ୍ଷ ୨୬ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି । ଆଜି ରାତି ସୁଦ୍ଧା ଜଳ ସ୍ତର ବୃଦ୍ଧି ପାଇ ଧିରେ ଧିରେ ୪ ଲକ୍ଷ ୫୦ ହଜାର କ୍ୟୁସେକ ଜଳ ଅତିକ୍ରମ କରିବ । ମୁଣ୍ଡଳିରେ ୫ ଲକ୍ଷ କ୍ୟୁସେକ ତଳେ ଜଳ ପ୍ରବାହିତ ହେବ । ୫ ଲକ୍ଷ କ୍ୟୁସେକ୍ ଉପରେ ଜଳ ପ୍ରବାହିତ ହେଲେ ବନ୍ୟା ସ୍ଥିତି ଆସିବ । ତେଣୁ ଏବେ ମହାନଦୀ ଅବବାହିକାରେ କୌଣସି ବନ୍ୟା ସ୍ଥିତି ନ ଥିବା ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ସେହିପରି ଗୁଜବରେ ବିଶ୍ୱାସ ନ ରଖି ବିଭାଗର ସୂଚନାକୁ ଅପେକ୍ଷା କରିବାକୁ ସର୍ବୋଚ୍ଚ ଯନ୍ତ୍ରୀ ଅନୁରୋଧ କରିଛନ୍ତି । ସେହିପରି ହୀରକୁଦ ଜଳ ଭଣ୍ଡାରରେ ମୁଖ୍ୟ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଚୌଧୁରୀ ମଧ୍ୟ ସମାନ ସୂଚନା ଦେଇଛନ୍ତି। ବର୍ତ୍ତମାନ ଜଳ ସଂରକ୍ଷିତ ଚାଲିଛି । ଆସନ୍ତା ୯ ତାରିଖ ପୂର୍ବାହ୍ନ ୧୧ଟାରେ ଗେଟ୍ ଖୋଲାଯିବ। ଛତିଶଗଡ଼ କଲମା ବ୍ୟାରେଜରେ ୩୪ଟି ଗେଟ୍ ଖୋଲା ରହିଛି ।

# ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଦେଶରେ ତୃତୀୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୭(ନି.ପ୍ର.); ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ। ବିକାଶ ଓ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ। ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି କପିଳେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ୭୭ ତମ ବନ ମହୋତ୍ସବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ପ୍ରବାହିତ ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ 'ସବୁଜ ମହାନଦୀ ମିଶନ' ଅଧୀନରେ ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧରା ନଦୀ ପାର୍ଶ୍ୱରେ ୧.୫ କିଲୋମିଟର ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଞ୍ଚଳରେ ୫.୬୫ ଲକ୍ଷ ଚାରା ରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨,୭୦୨ ହେକ୍ଟର ଅଞ୍ଚଳରେ ପ୍ରାୟ ୯ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି। ସେହିପରି 'ବର୍ଦ୍ଧିତ ସବୁଜ ବଳୟ ଯୋଜନା' ମାଧ୍ୟମରେ ଚଳିତ ବର୍ଷ ୩,୫୮ ହେକ୍ଟର ଜମିରେ ୧୫ ଲକ୍ଷ ୯୩ ହଜାର ବୃକ୍ଷଚାରା ରୋପଣ କରାଯିବ। ସହରାଞ୍ଚଳରେ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରା ରୋପଣର ଲକ୍ଷ୍ୟ ରହିଛି। 'ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୯,୯୭୫ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇ ୪୩.୧୮ ଲକ୍ଷ ସ୍ଥାନୀୟ ହିତାଧିକାରୀଙ୍କୁ ୧,୪୮୮.୫୨ କୋଟି ଟଙ୍କାର ଜୀବିକା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି।



ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ବାବଦରେ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାମ୍ପା (ଉଇଗଚଇ) ଯୋଜନାରେ ଆସନ୍ତା ବର୍ଷ ପାଇଁ ୨୦,୫୬୨ ହେକ୍ଟରରୁ ଅଧିକ ଜଙ୍ଗଲ ଜମିରେ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜାପାନ ଆନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ୧,୨୧୦ଟି ବନସୁରକ୍ଷା ସମିତିକୁ ସାମିଲ କରାଯାଉଛି। ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ 'ମିଷ୍ଟି' ଯୋଜନାରେ ୮୯ ହେକ୍ଟର ଅଞ୍ଚଳରେ ହେନ୍ତାଳ ବନ ସୃଷ୍ଟି ଏବଂ 'ଇସିଆରଆଇସିସି' ଯୋଜନାରେ ୨,୪୦୫ ହେକ୍ଟର ଲୁଣା ଜଙ୍ଗଲର ପୁନରୁଦ୍ଧାର କରାଯାଉଛି। ଏହା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରା ରୋପଣ କରାଯାଇଛି। ଚଳିତ ଜୁଲାଇ ୧ ତାରିଖରୁ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଏକ ନୂତନ ଯୋଜନା 'ବିକଶିତ ଭାରତ – ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)' କାର୍ଯ୍ୟକାରୀ ହୋଇଛି, ଯାହା ବୃକ୍ଷରୋପଣ ସହ ଲୋକଙ୍କୁ ରୋଜଗାରକ୍ଷମ କରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ପେଡ୍ ମା କେ ନାମ' ଅଭିଯାନକୁ ଓଡ଼ିଶାବାସୀ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଗତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ଓଡ଼ିଶାରେ ଗୋଟିଏ ଦିନରେ ୧ କୋଟି ୪୯ ଲକ୍ଷ ଚାରା ରୋପଣ କରାଯାଇଥିଲା ଏବଂ 'ମେରୀ ଲାଇଫ୍' ପୋର୍ଟାଲରେ ୮ କୋଟି ୧୨ ଲକ୍ଷ ବୃକ୍ଷରୋପଣର ତଥ୍ୟ ଅପଲୋଡ୍ କରାଯାଇଛି। ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ପାଇଁ ୩ କୋଟି ୭୬ ଲକ୍ଷ ବୃକ୍ଷଚାରା ରୋପଣର ଲକ୍ଷ୍ୟ ରହିଛି। ବିକାଶ ଏବଂ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପରିବେଶବିତମାନଙ୍କୁ ସରକାରୀ ନିୟମାବଳୀର କଡ଼ାକଡ଼ି ପାଳନ ପାଇଁ ଦାବି କରିବାକୁ ଆହ୍ୱାନ ଦେଇଛନ୍ତି। ଶେଷରେ ସେ ସମସ୍ତ ରାଜ୍ୟବାସୀଙ୍କୁ ବହୁଳ ଭାବେ ଗଛ ଲଗାଇ ଏକ ସୁସ୍ଥ ଓ ସବୁଜ ସୁନ୍ଦର ଓଡ଼ିଶା ଗଠନ କରିବାକୁ ନିବେଦନ କରିଛନ୍ତି।

ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବନୀକରଣ କ୍ଷେତ୍ରରେ ଜନଭାଗୀଦାରି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ସେ କହିଛନ୍ତି ଯେ, କେବଳ ସରକାରୀ ସ୍ତରରେ ଯୋଜନା ପ୍ରଣୟନ କଲେ ଜଙ୍ଗଲର ସୁରକ୍ଷା ସମ୍ଭବ ନୁହେଁ, ଏଥିପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ନାଗରିକ ଓ ସାମାଜିକ ସଂଗଠନକୁ ଆଗେଇ ଆସିବାକୁ ହେବ। ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୁଳର 'ଜେରେଙ୍ଗ ବୁଧିପାହାଡ଼ ବନ ସୁରକ୍ଷା ସମିତି' ଏବଂ ମୟୂରଭଞ୍ଜର 'ଗୁଡ଼ଗୁଡ଼ିଆ ପରିବେଶ ବିକାଶ ସମିତି (ଇଡିସି)' କୁ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି।

# ପ୍ରଧାନମନ୍ତ୍ରୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ

## ବ୍ରହ୍ମୋସ ଚୁକ୍ତି ସହ ଖୋଲିବ ଆଇଆଇଟି କ୍ୟାମ୍ପସ

ନୂଆଦିଲ୍ଲୀ,୭।୭(ନି.ପ୍ର.): ବିଶ୍ୱ ଦରବାରରେ ପୁଣି ଥରେ ବଢ଼ିଛି ଭାରତର ଗୌରବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଜର ସର୍ବୋଚ୍ଚ ନାଗରିକ ସମ୍ମାନ 'ବିନ୍ତାଙ୍ଗ ଆଦିପୂର୍ଣ୍ଣ' ରେ ସମ୍ମାନିତ କରିଛି ଦକ୍ଷିଣ-ପୂର୍ବ ଏସିଆର ପ୍ରମୁଖ ଦେଶ ଇଣ୍ଡୋନେସିଆ। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂଆ ଉଚ୍ଚତାକୁ ନେବା ଏବଂ ବିଶ୍ୱ ଶାନ୍ତି ରକ୍ଷାରେ ପ୍ରଧାନମନ୍ତ୍ରୀଙ୍କ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି।



ଭାରତୀୟ ସେନାର ଶକ୍ତି କୁହାଯାଉଥିବା ସୁପରସୋନିକ କ୍ରୁଜ୍ ମିସାଇଲ୍ 'ବ୍ରହ୍ମୋସ' ଏବଂ ଆକାଶରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା 'ଅସ୍ତ୍ର' ମିସାଇଲ୍ ଏବେ ଇଣ୍ଡୋନେସିଆ ସେନାର ଶକ୍ତି ବଢ଼ାଇବ। ଏହି ମେଗା ପ୍ରତିରକ୍ଷା ଚୁକ୍ତି ଅନୁଯାୟୀ, ଭାରତ ଠାରୁ ଏହି ଅତ୍ୟାଧୁନିକ ମିସାଇଲ୍ କିଣିବାକୁ ଇଣ୍ଡୋନେସିଆ ସବୁଜ ସଙ୍କେତ ଦେଇଛି। ଏହି ଚୁକ୍ତି ପରେ ପ୍ରତିରକ୍ଷା ରପ୍ତାନି କ୍ଷେତ୍ରରେ ଭାରତର ସ୍ଥିତି ଆହୁରି ମଜବୁତ ହୋଇଛି।

କେବଳ ପ୍ରତିରକ୍ଷା ନୁହେଁ ବରଂ ଶିକ୍ଷା କ୍ଷେତ୍ରରେ ମଧ୍ୟ ଭାରତ ନିଜର ଜଲୱା ଦେଖାଇବାକୁ ଯାଉଛି। ଭାରତର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ) ର ଆନ୍ତର୍ଜାତୀୟ କ୍ୟାମ୍ପସ ଏବେ ଇଣ୍ଡୋନେସିଆରେ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ସେଠାକାର ଛାତ୍ରଛାତ୍ରୀମାନେ ବିଶ୍ୱସ୍ତରୀୟ ଶିକ୍ଷା ପାଇପାରିବେ ଏବଂ ଭାରତର ଶିକ୍ଷା ବ୍ୟବସ୍ଥାର ସୁନାମ ଆହୁରି ବୃଦ୍ଧି ପାଇବ।ରଣନୀତିକ ବିଶ୍ଳେଷକଙ୍କ ମତରେ ଦକ୍ଷିଣ ଚୀନ ସାଗରରେ ଚୀନର ବଢୁଥିବା ଦାଦାଗିରିକୁ ରୋକିବା ପାଇଁ ଭାରତ ଏବଂ ଇଣ୍ଡୋନେସିଆର ଏହି ବନ୍ଧୁତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବ୍ରହ୍ମୋସ ଭଳି ମାରାତ୍ମକ ମିସାଇଲ୍ ଇଣ୍ଡୋନେସିଆ ପାଖକୁ ଯିବା ଫଳରେ ଏହି ଅଞ୍ଚଳରେ ଶକ୍ତି ସନ୍ତୁଳନ ବଜାୟ ରହିବ।

# ଇଣ୍ଡୋନେସିଆ ସଂସଦରେ ବିଜୁ ପଟ୍ଟନାୟକଙ୍କ ପ୍ରଶଂସା

ନୂଆଦିଲ୍ଲୀ,୭।୭: ଇଣ୍ଡୋନେସିଆ ସଂସଦରେ ଓଡିଶା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ କଥା କହିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜାକାର୍ତ୍ତାରେ ଥିବା ଇଣ୍ଡୋନେସିଆ ସଂସଦଙ୍କୁ ସମ୍ବୋଧନ କରିବା ବେଳେ ବିଜୁ ବାବୁଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି।

ଭାରତ-ଇଣ୍ଡୋନେସିଆ ସୁସମ୍ପର୍କର ପ୍ରମୁଖ ବିନ୍ଧାଣୀ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବୋଲି ମୋଦି କହିବାକୁ ପଛାଇ ନାହାନ୍ତି। ସେହିପରି ବିଜୁ ପଟ୍ଟନାୟକ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ମଧ୍ୟ ମୋଦି କହିଛନ୍ତି। ତାଙ୍କ କହିବା କଥା ଯେ ଭାରତ ଓ ଇଣ୍ଡୋନେସିଆ ବର୍ତ୍ତମାନ "ସୁବର୍ଣ୍ଣ ଯୁଗ"ରେ ପ୍ରବେଶ କରୁଛନ୍ତି। କିନ୍ତୁ ଏହି ଘନିଷ୍ଠ ଭାରତ–ଇଣ୍ଡୋନେସିଆ ସମ୍ପର୍କର ପ୍ରକୃତ ବିନ୍ଧାଣୀ ହେଉଛନ୍ତି ବିଜୁ ପଟ୍ଟନାୟକ।ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ବିଜୁ ପଟ୍ଟନାୟକ ଜଣେ ପ୍ରଖ୍ୟାତ ପାଇଲଟ୍ ଥିଲେ। ୧୯୪୭ ମସିହାରେ ଡଚ୍ ସେନା ଜାଭା ଉପରେ ଆକ୍ରମଣ କରିଥିଲା। ଏହି ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଇଣ୍ଡୋନେସିଆର ପ୍ରମୁଖ ନେତୃବୃନ୍ଦଙ୍କୁ ଉଦ୍ଧାର କରିବା ଦାୟିତ୍ୱ ବିଜୁ ପଟ୍ଟନାୟକଙ୍କୁ ଦେଇଥିଲେ।

ବିଜୁ ବାବୁ ମଧ୍ୟ ନିଜର ଅସାଧାରଣ ସାହସ ଦେଖାଇ ଯୁଦ୍ଧକ୍ଷେତ୍ରରେ ବିମାନ ଧରି ପହଞ୍ଚି ଯାଇଥିଲେ। ଆଉ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସ୍ୟାହରିର ଓ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଭାରତ ନେଇ ଆସିଥିଲେ।

ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ବିଜୁ ପଟ୍ଟନାୟକଙ୍କ ପୁରୁଣା ଅବଦାନକୁ ମନେ ପକାଇଛନ୍ତି। ଭାରତ ଓ ଇଣ୍ଡୋନେସିଆକୁ ଅଧିକ ନିକଟତର କରିଥିବା ବିଜୁ ବାବୁଙ୍କୁ ସେ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, "ଦୁଇ ଦେଶ ପ୍ରାୟ ସମାନ ସମୟରେ ସ୍ୱାଧୀନତା ପାଇଥିଲେ। ଇଣ୍ଡୋନେସିଆ ୧୯୪୫ରେ ଓ ଭାରତ ୧୯୪୭ରେ ସ୍ୱାଧୀନ ହୋଇଥିଲା। ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱ ପ୍ରସଙ୍ଗରେ ଭାରତ ସର୍ବଦା ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍‌ଦୋଳନକୁ ସମର୍ଥନ କରି ଆସିଛି।ସେହି ସମୟରେ ସମ୍ମାନନୀୟ ବିଜୁ ପଟ୍ଟନାୟକ ଯେପରି ଭାବେ ପ୍ରଧାନମନ୍ତ୍ରୀ ସୁତାନ ସ୍ୟାହରିର ଓ ଉପରାଷ୍ଟ୍ରପତି ମହମ୍ମଦ ହାତ୍ତାଙ୍କୁ ସୁରକ୍ଷିତ ଭାବେ ଭାରତକୁ ଆଣିଥିଲେ, ତାହା ଦୁଇ ଦେଶର ସମ୍ପର୍କକୁ ଅଧିକ ନିବିଡ ଓ ସୁଦୃଢ଼ କରିଥିଲା।"



ବିଜୁପଟ୍ଟନାୟକ ୧୯୪୭ରେ ଦେଖାଇଥିବା ସାହାସ ପାଇଁ ତାଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୯୬୧ ମସିହାରେ ସେ ଓଡ଼ିଶାର ୪ର୍ଥ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ପ୍ରଥମେ ସେ ୧୯୬୧ରୁ ୧୯୬୩ ଓ ପୁଣି ୧୯୯୦ରୁ ୧୯୯୫ ଯାଏ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

# ଭେନେଜୁଏଲା ଭୂମିକମ୍ପରେ ମୃତ୍ୟୁସଂଖ୍ୟା ୩,୫୦୦ ଟପିଲା

କାରାକାସ: ଭେନେଜୁଏଲାରେ ଘଟିଥିବା ଭୂମିକମ୍ପ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସୋମବାର ପ୍ରକାଶିତ ସର୍ବଶେଷ ସରକାରୀ ସଂଖ୍ୟା ଅନୁଯାୟୀ ଏହି ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟା ୩,୫୦୦କୁ ବୃଦ୍ଧି ପାଇଛି। ୧୬,୭୦୦ରୁ ଅଧିକ ଆହତ ହୋଇଛନ୍ତି। ଜୁନ୍ ୨୪ ତାରିଖରେ ହୋଇଥିବା ଭୟଙ୍କର ଭୂମିକମ୍ପ ରାଜଧାନୀ କାରାକାସର ଉତ୍ତରରେ ଥିବା ଲା ଗୁଆଇରା ରାଜ୍ୟରେ ଧ୍ୱଂସଲୀଳା ସୃଷ୍ଟି କରିଥିଲା, ଯେଉଁଠାରେ ସମଗ୍ର ପଡ଼ୋଶୀ ଧ୍ୱଂସଲୀଳାରେ ପରିଣତ ହୋଇଥିଲା। ଏହି ଶକ୍ତିଶାଳୀ ଲଗାତାର ଭୂମିକମ୍ପ ଯୋଗୁଁ କୋଠା ଭୁଶୁଡ଼ି ପଡ଼ିଥିଲା ଏବଂ ବ୍ୟାପକ କ୍ଷତି ହୋଇଥିଲା। ସରକାରଙ୍କ ଅନୁଯାୟୀ ଏହି ଦୁଃଖଦ ଘଟଣାରେ ଏପର୍ଯ୍ୟନ୍ତ ୧୬,୭୪୦ ଜଣ ଆହତ ହୋଇଥିବା ନିଶ୍ଚିତ କରାଯାଇଛି। ଭୂମିକମ୍ପ କେବଳ ହଜାର ହଜାର ଲୋକଙ୍କ ଜୀବନ ନେଇନାହିଁ ବରଂ ୧୭,୦୦୦ରୁ ଅଧିକ ଲୋକଙ୍କୁ ବାସହୀନ କରିଛି। ସବୁଠାରୁ ବଡ଼ ଚିନ୍ତା ହେଉଛି ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କ ପାଇଁ। ସରକାର ଏପର୍ଯ୍ୟନ୍ତ ଭଗ୍ନାବଶେଷ ପାହାଡ ତଳେ ଫସି ରହିଥିବା କିମ୍ବା ନିଖୋଜ ଥିବା ଲୋକଙ୍କ ପାଇଁ କୌଣସି ସରକାରୀ ସଂଖ୍ୟା ପ୍ରକାଶ କରିନାହାଁନ୍ତି। ଜାତିସଂଘ ଆକଳନ କରୁଛି ଯେ ପ୍ରାୟ ୫୦,୦୦୦ ଲୋକ ଏବେ ବି ନିଖୋଜ ଅଛନ୍ତି।

# ଶ୍ୱାସରୁଦ୍ଧରୁ ଆଇଆଇସି ବ୍ୟୁଟି ମହାନ୍ତିଙ୍କ ମୃତ୍ୟୁ

କଟକ,୭।୭(ନି.ପ୍ର.): କଟକ ଚାଉଳିଆଗଞ୍ଜ ଥାନାର ଆଇଆଇସି ବ୍ୟୁଟି ମହାନ୍ତିଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ସାମ୍ନାକୁ ଆସିଛି ବଡ଼ ତଥ୍ୟ। ତାଙ୍କ ପୋଷ୍ଟମର୍ଟମ ରିପୋର୍ଟରେ ମୃତ୍ୟୁର କାରଣ ଶ୍ୱାସରୁଦ୍ଧ (ଆସଫିକ୍ସିଆ) ବୋଲି ସ୍ପଷ୍ଟ ହୋଇଛି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଘଟଣାଟି ଆତ୍ମହତ୍ୟା ନା ହତ୍ୟା, ସେନେଇ ସନ୍ଦେହ ଆହୁରି ବଢ଼ିଛି।

ବ୍ୟୁଟି ମହାନ୍ତିଙ୍କ ମୃତଦେହ ତାଙ୍କ ସରକାରୀ ବାସଭବନରୁ ଉଦ୍ଧାର କରାଯାଇଥିଲା। ତେବେ କେଉଁ ପରିସ୍ଥିତିରେ ତାଙ୍କର ଶ୍ୱାସରୁଦ୍ଧ ହେଲା, ସେନେଇ ଏବେ ବିସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିନାହିଁ। ତଦନ୍ତକାରୀ ଅଧିକାରୀମାନେ ସେ ଗଳା ଚିପି ହତ୍ୟାର ଶିକାର ହୋଇଛନ୍ତି କିମ୍ବା ଅନ୍ୟ କୌଣସି କାରଣରୁ ଶ୍ୱାସରୁଦ୍ଧ ହୋଇଛନ୍ତି କି, ସେସବୁ ଦିଗକୁ ଗୁରୁତ୍ୱ ଦେଇ ତଦନ୍ତ ଚଳାଇଛନ୍ତି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ପୋଲିସ ତଦନ୍ତକୁ ଆହୁରି ଜୋରଦାର କରିଛି। ବ୍ୟୁଟି ମହାନ୍ତିଙ୍କ କଲ୍ ରେକର୍ଡ ଯାଞ୍ଚ କରାଯାଉଛି। ଏହିଘଟଣାରେ ପାହାଳ ଥାନାର ଜଣେ ପୋଲିସ କର୍ମଚାରୀଙ୍କୁ ପଟରାଉତରା କରାଯାଇଛି। ତାଙ୍କ ମୋବାଇଲ୍ ଫୋନ୍‌କୁ ମଧ୍ୟ ଜବତ କରି ଫରେନସିକ୍ ପରୀକ୍ଷା ପାଇଁ ପଠାଯାଇଛି।



କେବଳ ଏତିକି ନୁହେଁ, ଘଟଣା ପଛରେ କୌଣସି ଆର୍ଥିକ କାରବାର କିମ୍ବା ଟଙ୍କା ନେଣଦେଣକୁ ନେଇ ବିବାଦ ଥିଲା କି ନାହିଁ, ସେ ଦିଗରେ ମଧ୍ୟ ପୋଲିସ ଖୋଳତାଡ଼ କରୁଛି। ତଦନ୍ତରୁ ଜଣାପଡ଼ିଛି, ମୃତ୍ୟୁ ପୂର୍ବରୁ ବ୍ୟୁଟି ମହାନ୍ତି ତାଙ୍କ ସ୍ୱାମୀ ସମୀରଙ୍କ ସହ ଶେଷ ଥର କଥା ହୋଇଥିଲେ। ବ୍ୟୁଟି ମହାନ୍ତି ବ୍ୟବହାର କରୁଥିବା ଦୁଇଟି ମୋବାଇଲ୍, ସେଥିରେ ଥିବା ଏକ ଆଇଫୋନ୍‌କୁ ରାଜ୍ୟ ଫରେନସିକ୍ ବିଜ୍ଞାନ ପରୀକ୍ଷାଗାରକୁ ପଠାଯାଇଛି। ଗୋଟିଏ ଫୋନ୍‌ର ତଥ୍ୟ ବାହାର କରିବାରେ କିଛି ବୈଷୟିକ ସମସ୍ୟା ଦେଖାଦେଇଥିବାରୁ ତଦନ୍ତ ପାଇଁ ସମୟ ଲାଗୁଛି। ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ଜଣେ ଅତିରିକ୍ତ ଡିସିପି, ଜଣେ ଏସିପି ଏବଂ ଦୁଇଜଣ ବରିଷ୍ଠ ଇନ୍ସପେକ୍ଟରଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

## ଡାହୁକ




ଗଣତନ୍ତ୍ର ନାହିଁ ଗଣତନ୍ତ୍ର ହୋଇ
ଅଗଣତାନ୍ତ୍ରିକ ହୋଇଛି
ଦେଶୀ ରାଜନୀତି ପାଖାପାଲି ଆଜି
ପ୍ରମାଣ ତାହାର ଦେଉଚି
ସବୁ ଜାଣିଶୁଣି ଭକୁଆ ଜନତା
ଭେଲକା ହୋଇକି ରହୁଚି
ଶାସନ କଳର ଚାପରେ ଆଇନି
ବିଶ୍ୱାସ ହରେଇ ବଇଚି।
-ବିଧୁ

## ବଡ଼ ଡ୍ରେନକଡ଼ରେ ହେବ ବ୍ୟାରିକେଡ୍

ଭୁବନେଶ୍ୱର,୭।୭(ନି.ପ୍ର.): ଲଗାଣ ବର୍ଷା ଓ ସହରାଞ୍ଚଳରେ ଜଳବନ୍ଦୀ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସଜାଗ ହୋଇଛନ୍ତି । ବଡ଼ ବଡ଼ ଡ୍ରେନ୍ କଡ଼ରେ ସୁରକ୍ଷା ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ସହରାଞ୍ଚଳରେ ଥିବା ବିଭିନ୍ନ ନାଳର ମରାମତି କାମ ସହ ପଙ୍କ ଉଦ୍ଧାର ଏବଂ ସଫେଇ କାର୍ଯ୍ୟ ପ୍ରାୟ ସମାପ୍ତ ହୋଇଥିବା ସେ କହିଛନ୍ତି । ଟ୍ୱିନ୍ ସିଟି ଭୁବନେଶ୍ୱର-କଟକ ଓ ପୁରୀ ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି । ବର୍ଷା ଜଳ ଜମୁଥିବା ସ୍ଥାନଗୁଡ଼ିକରେ ବିଭାଗୀୟ କର୍ମଚାରୀଙ୍କ ସହ ଅଗ୍ନିଶମ ବିଭାଗର କର୍ମଚାରୀମାନେ ମିଳିତ ଭାବେ ଜଳ ନିଷ୍କାସନ କାର୍ଯ୍ୟ କରିବେ । ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ସମସ୍ତ ସହରାଞ୍ଚଳ ନିକାୟକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଦଲାଲ ମୁକ୍ତ ହେବ ଜମି ପଞ୍ଜିକରଣ କାର୍ଯ୍ୟାଳୟ

## ଅନଲାଇନରେ ହେବ ଟଙ୍କା ନେଣଦେଣ

ଭୁବନେଶ୍ୱର,୭।୭(ନି.ପ୍ର.): ଏଣିକି ଜମି କିଣାବିକାରେ ଦଲାଲ ଆଉ ହସ୍ତକ୍ଷେପ କରିପାରିବେ ନାହିଁ । ଜମି ପଞ୍ଜିକରଣ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଦଲାଲ ମୁକ୍ତ ହେବ । ଟଙ୍କା ନେଣଦେଣଠାରୁ ଆରମ୍ଭ କରି ଦଲିଲ ପର୍ଯ୍ୟନ୍ତ ସବୁକିଛି ଅନଲାଇନ ମାଧ୍ୟମରେ ହେବ । ଏ ନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ।

ମନ୍ତ୍ରୀ କହିଛନ୍ତି ଯେ ଜମି ପଞ୍ଜିକରଣ କାର୍ଯ୍ୟାଳୟ ଦଲାଲ ମୁକ୍ତ ହେବ । ଜମି କିଣାବିକା ବେଳେ କ୍ୟାସର କୌଣସି ବ୍ୟବହାର ନାହିଁ । କେବଳ ଅନଲାଇନ ମାଧ୍ୟମରେ ଟଙ୍କା ଟ୍ରାଞ୍ଜାକସନ କରାଯିବ । ପୂର୍ବରୁ ୧୫ ହଜାର ଯାଏଁ କ୍ୟାସ କାରବାର ହେଉଥିଲା । ଜମି ପଞ୍ଜୀକରଣରୁ ଦଲାଲଙ୍କୁ ଦୂରେଇ ରଖିବାକୁ ଏବଂ ପଞ୍ଜିକରଣ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ଯଦି କୌଣସି ବ୍ୟକ୍ତି ଏହି ନିୟମକୁ ଉଲ୍ଲଂଘନ କରୁଥିବାର ଅଭିଯୋଗ ଆସେ ତେବେ ସେମାନଙ୍କ ବିରୋଧରେ କଠୋରରୁ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଆଉ ବାରମ୍ବାର ରେଜିଷ୍ଟ୍ରେସନ ଅଫିସକୁ ଆସିବାକୁ ପଡିବ ନାହିଁ । କେବଳ ଜମି ମାଲିକଙ୍କୁ ଚିହ୍ନଟ ପାଇଁ ଯିବାକୁ ହେବ । ପଞ୍ଜିକରଣ ପରେ ଦଲିଲ ମଧ୍ୟ ଅନଲାଇନରେ ପାଇଯିବେ । ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବଶୀଘ୍ର ଏସଓପି ଜାରି ହେବା ସହିତ ରାଜସ୍ୱ ଅଧିକାରୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ମଧ୍ୟ ଦିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ।

ସେହିପରି ଓଡ଼ିଶାରେ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଭୁବନେଶ୍ୱରରେ ପ୍ରାୟ ୧୮୦ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପରିଚାଳନା ଭବନ ନିର୍ମାଣ କରାଯିବ ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ କହିବାନୁସାରେ, ଏହି ଭବନ ନିର୍ମାଣ ଦାୟିତ୍ୱ ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ୍ କର୍ପୋରେସନ୍ ଲିମିଟେଡ୍‌କୁ ଦିଆଯାଇଛି। ପ୍ରକଳ୍ପକୁ ଦେଢ଼ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୦୨୬ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବାର ସମ୍ଭାବନା ରହିଛି।



# ପ୍ରସ୍ତାବିତ ଠିପି ଖୋଲା ବିଦେଶୀ ମଦ ଦୋକାନକୁ ବିରୋଧ

ଯାଜପୁର,୭।୭:(ମନ୍ଥନ)ପ୍ରସ୍ତାବିତ ଠିପି ଖୋଲା ବିଦେଶୀ ମଦ ଦୋକାନକୁ ବିରୋଧ କରି ଜିଲ୍ଲାପାଳ ଅଫିସ ଘେରିଲେ ଶତାଧିକ ମହିଳାଙ୍କ ସମେତ ଗ୍ରାମବାସୀ। ଯାଜପୁର ଜ଼ିଲ୍ଲା ଦଶରଥପୁରବ୍ଲକ ମଲ୍ଲୀକାପୁର ପଂଚାୟତ ମହାନ୍ତିପଟଣା ଗ୍ରାମରେ ଯାଜପୁର ଜ଼ିଲ୍ଲା ପ୍ରଶାସନ ଏକ ବିଦେଶୀ ଠିପି ଖୋଲା ମଦ ଦୋକାନ ଖୋଲିବା ନିମନ୍ତେ ଲାଇସେନ୍ସ ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ମଦ ଦୋକାନ ପାଇଁ ଯେଉଁ ସ୍ଥାନ ନିରୂପଣ କରାଯାଇଛି ସେଠାରେ ଏକ ପିଇବା ପାଣି କାରଖାନା, ଅଳ୍ପ ଦୂରରେ ଗ୍ରାମର ସ୍ମଶାନ, ଗାଧୋଇବା ସ୍ନାନ ଘାଟ ରହିଛି। ତତସହ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀମାନେ ଆଦର୍ଶ ବିଦ୍ୟାଳୟ ଏବଂ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟକୁ ଯାଇଥାନ୍ତି। ଯିବା ଆସିବା ଓ ଗମନା ଗମନର ରାସ୍ତା ହୋଇଥିବାରୁ ମଦ ଦୋକାନ ଖୋଲାଗଲେ ସମସ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ଥିବାରୁ ଏହି ଠାରେ ପ୍ରସ୍ତାବିତ ମଦ ଦୋକାନ ନଖୋଲିବା ନିମନ୍ତେ ଗ୍ରାମବାସୀ ମାନେ ଜ଼ିଲ୍ଲା ପ୍ରଶାସନ ଓ ଜ଼ିଲ୍ଲା ଅବକାରୀ ବିଭାଗ ନିକଟରେ ଲିଖିତ ଦାବି କରିଛନ୍ତି। ଆଗାମୀ ଦିନରେ ଏହାକୁ ବନ୍ଦ ବା ଅନ୍ୟତ୍ର ସ୍ଥାନାନ୍ତରିତ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ଉତ୍କଳ ସାହିତ୍ୟ ସମାଜ, ଯାଜପୁର ଜିଲ୍ଲା ଶାଖାର ପ୍ରତିଷ୍ଠା ଦିବସ ପାଳିତ

ଯାଜପୁର,୭।୭:(ମନ୍ଥନ)ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲ୍ଲା ଶାଖାର ପ୍ରତିଷ୍ଠା ଦିବସ ଗ୍ରାମ୍ୟଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଯାଜପୁର ଲେଖକ ସମ୍ମିଳନୀର ସଭାପତି ଡା. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଯାଜପୁରର ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା'ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ଓ ସମାଜ ପରସ୍ପର ଓତଃପ୍ରୋତ ଭାବେ ଜଡ଼ିତ, ସାହିତ୍ୟ ମାଧମରେ ତତ୍କାଳୀନ ସମୟରେ ସାମାଜିକ ବ୍ୟବସ୍ଥା ଚଳଣି ଓ ତା'ର ପ୍ରତିକ୍ରିୟା ଦର୍ପଣ ସଦୃଶ ସମସ୍ତ ସମ୍ମୁଖରେ ପ୍ରତିଫଳିତ ହୁଏ ବୋଲି ଶ୍ରୀ ଦେହୁରୀ ଉଲ୍ଲେଖ କରିଥିଲେ। ଇତି ଅବସରରେ ଉପଜିଲ୍ଲାପାଳ ଶ୍ରୀଦେହୁରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜ, କଟକର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚନ୍ଦ ଯୋଗଦେଇ ସାହିତ୍ୟ ସମୟ ସହିତ ତାଳଦେଇ ତା'ର କାଳଜୟୀ ସୃଷ୍ଟି ମାଧମରେ ଦେଶ ଓ ଜାତିର ଭବିଷ୍ୟତ ନିର୍ଣ୍ଣୟ କରେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ଉତ୍କଳ ସାହିତ୍ୟ ସମାଜ, କଟକର ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ ଯୋଗଦେଇ କବି ଓ ସାହିତ୍ୟିକ ମାନଙ୍କର ସର୍ଜନା ଆଗାମୀ ପିଢ଼ିର ଉତ୍ତରଦାୟାଦ ମାନଙ୍କୁ ନୂତନ ସାହିତ୍ୟ ସୃଷ୍ଟି କରିବା ପାଇଁ ମାର୍ଗଦର୍ଶକ



ହୋଇଥାଏ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟକାରୀ ସଦସ୍ୟ ଶିବାଶୀଷ କର, ସଂଯୋଜିକା ସଂଯୁକ୍ତା ମହାପାତ୍ର ପ୍ରମୁଖ ଯୋଗଦେଇ ସମୟର ପ୍ରଭାବରେ ସାହିତ୍ୟିକ ସଂଗଠନ ଗୁଡିକର ଯୁଗୋପଯୋଗୀ ସାହିତ୍ୟ ସୃଷ୍ଟି କରିବା ପାଇଁ ପ୍ରଚ୍ଛନ୍ନ ଭୂମିକା ରହିଛି, ବୋଲି ଉଲ୍ଲେଖ କରିଥିଲେ। ବିଶିଷ୍ଟ ଲେଖିକା ବିଦ୍ୟୁତଲତା ଦାସ, କବୟିତ୍ରୀ କମଳିନୀ ପାଗଡ଼, କବି ମଧୁସୂଦନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କାଯାଇଥିବାବେଳେ ନୃତ୍ୟାଙ୍ଗନା ଆଦ୍ୟାଶା ପ୍ରିୟଦର୍ଶନୀ ସାହୁ ସ୍ୱାଗତ ନୃତ୍ୟପରିବେଷଣ କରିଥିଲେ। କବିତା ପାଠୋତ୍ସବକୁ କବି ଜିତେନ୍ଦ୍ର ବେହେରା, ପ୍ରତିମା ରଥ, ବନସ୍ମିତା ପଣ୍ଡା, ଦିପ୍ତୀମାଳା ସାମଲ ପ୍ରମୁଖ ସଂଯୋଜକ କରିଥିଲେ। ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା, କୋରେଇ ସାହିତ୍ୟ ସଂସଦର ସଂପାଦକ ତଥା ବିଶିଷ୍ଟ ଗାଳ୍ପିକ ଡ଼. ସୂର୍ଯ୍ୟମଣି ଖୁଣ୍ଟିଆ, ଗାଳ୍ପିକ ରାମଚନ୍ଦ୍ର ଦାସ, ଅଧକ୍ଷା ବିନ୍ଦୁରେଖା ମହାପାତ୍ର, ଲକ୍ଷ୍ମୀପ୍ରିୟା ପୃଷ୍ଟି, ଲକ୍ଷ୍ମୀପ୍ରିୟା ରାଉତରାୟ, ପ୍ରଭାତ କୁମାର ମଲ୍ଲିକ, ହୃଷିକେଶ ପତି, ଅଧିକାରୀ ନବକିଶୋର ଦାସ, ସୁକାନ୍ତି ପଣ୍ଡା, ରଂଜିତା ଦାସ, ପ୍ରଦୀପ ସାମଲ, ମନୋରଞ୍ଜନ ଦାସ, ଦୟାନିଧି ନାୟକ, ଭୁବନ ମୋହନ ମହାନ୍ତି, ଡା. କାହ୍ନୁ ଚରଣ ମିଶ୍ର, ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ବିଭୂତି ମହାପାତ୍ର, ମନୋଜ କୁମାର ନାଥ, ଅଖିଳ ମୋହନ ଦାଶ, ସୁବାସ ମହାପାତ୍ର, ଅଲେଖ ପ୍ରସାଦ ମହାରଣା, ପ୍ରଦୀପ୍ତ ଦାସ, ପ୍ରମୁଖ ଯୋଗଦେଇଥିଲେ। ସର୍ବଶେଷରେ ସୁକିନ୍ଦା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ହିମାଂଶୁ କୁମାର ଦ୍ୱିବେଦୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ତହସିଲ ସ୍ତରୀୟ ରାଜସ୍ୱ ସମ୍ପର୍କିତ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

କେନ୍ଦ୍ରାପଡ଼ା,୭।୭:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ତହସିଲ ସ୍ତରରେ ରାଜସ୍ୱ ସମ୍ପର୍କିତ ଅଭିଯୋଗ ମାମଲାର ଶୀଘ୍ର ସମାଧାନ ଓ ସାଧାରଣ ଜନତାଙ୍କୁ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଜୁଲାଇ-୨୦୨୬ ମାସ ପାଇଁ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତହସିଲ ସ୍ତରୀୟ ରାଜସ୍ୱ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଜୁଲାଇ ୧୪ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ ଗରଦପୁର ତହସିଲରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ରଘୁରାମ ଆର୍. ଆୟର ଅଭିଯୋଗ ଶୁଣାଣି କରିବେ। ସେହିପରି ଜୁଲାଇ ୧୫ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ ମାର୍ଶାଘାଇ ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଅଭିଯୋଗ ଶୁଣାଣି କରିବେ। ଆଳି ତହସିଲରେ ଜୁଲାଇ ୮ତାରିଖ ସାଢେ ୧୦ଟାରେ ଓ ଜୁଲାଇ ୨୨ତାରିଖ ସାଢେ ୧୦ଟାରେ କେନ୍ଦ୍ରାପଡା ତହସିଲରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନବକୃଷ୍ଣ ଜେନା ଅଭିଯୋଗ ଶୁଣାଣି କରିବେ। ସେହିଭଳି ଜୁଲାଇ ୨୩ ତାରିଖ ପୂର୍ବାହ୍ନ ସାଢେ ୧୦ଟାରେ ଡେରାବିଶ ତହସିଲରେ ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ ଅଭିଯୋଗ ଶୁଣାଣି କରିବେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ତହସିଲଦାରଙ୍କୁ ଅଭିଯୋଗ ଶୁଣାଣି ସମ୍ପର୍କରେ ବ୍ୟାପକ ପ୍ରଚାର-ପ୍ରସାର କରିବା, ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ପୂର୍ବରୁ ସୂଚନା ପ୍ରଦାନ କରିବା ଏବଂ ଆବଶ୍ୟକୀୟ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ସମସ୍ତ ରାଜସ୍ୱ ସମ୍ପର୍କିତ ଅଭିଯୋଗକାରୀଙ୍କୁ ନିର୍ଦ୍ଧାରିତ ତାରିଖ ଓ ସ୍ଥାନରେ ଉପସ୍ଥିତ ରହି ନିଜ ଅଭିଯୋଗ ଉପସ୍ଥାପନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ସ୍କର୍ପିଓରେ ଷଣ୍ଢ ତସ୍କର ନେଇ ଥାନା ଘେରିଲା ଗ୍ରାମବାସୀ ଓ ହିନ୍ଦୁ ସଂଗଠନ

ଯାଜପୁର,୭।୭:(ମନ୍ଥନ)ଯାଜପୁର ଟାଉନ ଥାନା ଅଂଚଳରେ ନିୟମିତ ଭାବେ ଗୋରୁଗାଈ ଏବଂ ଷଣ୍ଢ ମାନଙ୍କୁ ଗୋ ତସ୍କର ମାନେ ଛୋଟ ଛୋଟ ଯାତ୍ରୀ ପରିବହନ ଗାଡ଼ି ରେ ଉଠାଇ ନେଉଛନ୍ତି। କିଛି ଦିନ ପୂର୍ବରୁ ମେଡିକାଲ ଛକ ଅଂଚଳରୁ ମଧ ବୁଲା ଗୋରୁ ଙ୍କୁ ବିଳମ୍ବିତ ରାତିରେ ବୋଲେରୋ ଏବଂ ସ୍କର୍ପିଓ ରେ ପୁରାଇ ତସ୍କର ମାନେ ନେଇ ପଳାଇଥିବା ସିସିଟିଭି ରେ କଏଦ ହୋଇଥିଲା। ସିସିଟିଭି କ୍ୟାମେରା ରେ ହେଉଥିବା ଘଟଣାକୁ ପରେ ଜାଣି ହେଉଥିବା ବେଳେ ସିସିଟିଭି ବାହାରେ କିନ୍ତୁ ନିୟମିତ ଭାବେ ଯାଜପୁର, ଯାଜପୁର ସଦର, ଦଶରଥପୁର ଓ ମଙ୍ଗଳପୁର ଥାନା ଅଂଚଳରୁ ଗୋରୁଗାଈ ଏବଂ ବୁଲା ଷଣ୍ଢ ମାନଙ୍କୁ ଉଠାଇ ନିଆଯାଉଛି। ଷଣ୍ଢ ଙ୍କ



ପ୍ରତି ହିନ୍ଦୁ ମାନଙ୍କର ବିଶେଷ ଧାର୍ମିକ ଭାବନା ଜଡ଼ିତ ଥିବାରୁ ତଥା ଗୋମାତାଙ୍କୁ ପୂଜା କରୁଥିବା ଯୋଗୁଁ ବାରମ୍ବାର ଏପରି ଘଟଣା ଘଟିବା ଓ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନୀରବଦ୍ରଷ୍ଟା ସାଜିବା ଘଟଣା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ବୁଧବାର ରାତି ପ୍ରାୟ ୨.୫୦ ସମୟରେ ତସ୍କର ମାନେ ଏକ ଓଡି୦୨-ଡିଓ-୫୪୭୫ ନଂ ସ୍କର୍ପିଓ ରେ ଆସି ଷଣ୍ଢ ଓ ବଳଦ ଙ୍କୁ ଗାଡ଼ି ଭିତରେ ମାଡି ମୋଡ଼ି ଚମ୍ପଟ ମାରିଛନ୍ତି। ଏହି ଘଟଣା କୁ ନେଇ ଆନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଏବଂ ସାନବଜାର ଗ୍ରାମର ହିମାଂଶୁ ସାମନ୍ତ ଙ୍କ ସମେତ ଗ୍ରାମବାସୀ ଥାନାରେ ଏତଲା ଦେବା ସହିତ ଘେରାଉ କରି ପୋଲିସ ନିଷ୍କ୍ରିୟତା ଓ ଗୋ- ତସ୍କର ଙ୍କୁ ଯଥାଶୀଘ୍ର ଠାବ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଏ ନେଇ ଯାଜପୁର ଜିଲ୍ଲା ଏସପି ଙ୍କୁ ମଧ ଦାବିପତ୍ର ଦିଆଯାଇଛି।

# ବିଜେପି ନେତ୍ରୀଙ୍କ ଜାଲି ଦସ୍ତଖତ ପ୍ରସଙ୍ଗରେ କଂଗ୍ରେସ ପ୍ରତିକ୍ରିୟା

ନୟାଗଡ଼, ୭।୭:(ମନ୍ଥନ)ନୟାଗଡ଼ର ପ୍ରମୁଖ ବିଜେପି ନେତ୍ରୀ ତଥା ପୂର୍ବତନ ସାଂସଦଙ୍କ ଲେଟର ପ୍ୟାଡ଼, ସିଲ ଏବଂ ଦସ୍ତଖତ ଜାଲି କରାଯାଇ ନୟାଗଡ଼ ଅତିରିକ୍ତ ଏସପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ବଦଳି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ ଶୀର୍ଷକ ଚିଠିର ସତ୍ୟତାକୁ ନେଇ ନିଜେ ପୂର୍ବତନ ସାଂସଦ ନୟାଗଡ଼ ଥାନାରେ ଲିଖିତ ଅଭିଯୋଗ କଲାପରେ ସମଗ୍ର ଘଟଣାକ୍ରମ ଉପରେ ପୋଲିସ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକତା ରହିଥିବା ଡିସିସି ସଭାପତି ଶ୍ରୀ ରଣଜିତ ଦାଶ କହିଛନ୍ତି । ବିଜେପି ନେତ୍ରୀଙ୍କ ଦସ୍ତଖତ ଜାଲି ହୋଇଥିଲେ ତାହାର ସତ୍ୟତା ଅନୁଧ୍ୟାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହୋଇଥିବା ଚିଠି ଏବଂ ଥାନାରେ ଦିଆଯାଇଥିବା ଲିଖିତ ଅଭିଯୋଗରେ ବିଜେପି ନେତ୍ରୀଙ୍କ ଦସ୍ତଖତ ଏବଂ ତାଙ୍କର ଆଇନ ଅନୁସାରେ ଦଶଗୋଟି ସ୍ପେସିମେନ ସିଗ୍ନେଚର ସହିତ ମାନ୍ୟବର ଏସଡିଜେଏମଙ୍କ ଅନୁମୋଦନ କ୍ରମେ ରାଜ୍ୟ ପୋଲିସ ହାଣ୍ଡରାଇଟିଙ୍ଗ ଏକ୍ସପର୍ଟ ସଂସ୍ଥା ପରୀକ୍ଷାଗାର କୁ ଦସ୍ତଖତ ସତ୍ୟତା ଯାଞ୍ଚ ପାଇଁ ତୁରନ୍ତ ପ୍ରେରଣ କରିବା ପାଇଁ କଂଗ୍ରେସ ନେତା ଶ୍ରୀ ଦକ୍ଷଶ ନୟାଗଡ଼ ଏସପିଙ୍କୁ ଟୁଇଟ କରିଛନ୍ତି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ପୋଲିସ ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ବିଭୀଷଣ ମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କୋର୍ଟ ଅନୁମତି ନେଇ ରାଜ୍ୟ ପୋଲିସ ହାଣ୍ଡରାଇଟିଙ୍ଗ ଏକ୍ସପର୍ଟ ସଂସ୍ଥା କୁ ଇତାଲାକାରୀଙ୍କ ସ୍ପେସିମେନ ଦସ୍ତଖତ ତୁରନ୍ତ ଯାଞ୍ଚ ପାଇଁ ପଠାଇବା ପାଇଁ କଂଗ୍ରେସ ନେତା ବରିଷ୍ଠ ଆଇନଜୀବୀ ଏସପିଙ୍କୁ ଟୁଇଟ୍ କରିଛନ୍ତି ।

# ଡେପୁଟେସନରେ ନିଆଯାଇଥିବା ଶିକ୍ଷକଙ୍କୁ ଫେରେଇ ଆଣିବାକୁ ବିଇଓଙ୍କୁ ଦାବିପତ୍ର

ଗଞ୍ଜାମ, ୭।୭:(ମନ୍ଥନ)ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ନୀଳାଦ୍ରି ପୁର ଲବଣ ଶ୍ରମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସୁଦାମ ନାୟକଙ୍କୁ ଅନ୍ୟତ୍ର ସ୍କୁଲକଙ୍କ ଡେପୁଟେସନରେ ନିଆଯାଇଛି । ଯାହାକୁ ନେଇ ସ୍କୁଲ ପରିଚାଳନା କମିଟି ତଥା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଏନେଇ ସୋମବାର ପରିଚାଳନା କମିଟି ପକ୍ଷରୁ ଶିକ୍ଷକ ନାୟକଙ୍କୁ ଫେରାଇ ଆଣିବାକୁ ବିଇଓଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ଦାବୀ ପତ୍ର ପ୍ରଦାନର ଦଶ ଦିନ ମଧରେ ଯଦି ସମସ୍ୟା ସମାଧାନ ନହୁଏ ତାହେଲେ ଆଗାମୀ ଦିନରେ ବିଇଓଙ୍କ କାର୍ଯ୍ୟାଳୟ ସମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ସ୍କୁଲ ପରିଚାଳନା କମିଟି ପକ୍ଷରୁ ଗଣମାଧ୍ୟମକୁ ସୂଚନା ମିଳିଛି । ଲବଣ ଶ୍ରମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୨୫୦ ରୁ ଉର୍ଦ୍ଧ ଛାତ୍ରୀଛାତ୍ର ଅଧୟନ କରୁଛନ୍ତି । ଏଭଳି ସ୍ଥିତିରେ ଉକ୍ତ ସ୍କୁଲ ପାଇଁ ଶିକ୍ଷକ ଆବଶ୍ୟକ ଥିବା ବେଳେ କିଭଳି ବ୍ଲକ ଶିକ୍ଷା ବିଭାଗ ସେହି ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟତ୍ର ସ୍କୁଲକୁ ନିଆ। ଯାଇଛି ବୋଲି ପ୍ରଶ୍ନ କରିଛି ପରିଚାଳନା କମିଟି । ଦାବି ପତ୍ର ପ୍ରଦାନ ବେଳେ ପାଳିବନ୍ଧ ପଞ୍ଚାୟତ ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ, ଧର୍ମରାଜ ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ସୁଜିତ ବେହେରା, ଅନିଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ପାରାଦୀପ ତୈଳ ବିଶୋଧନାଗାରରେ ବିପର୍ଯ୍ୟୟ ସମୟରେ କିପରି ମୁକାବିଲା କରାଯିବ ସେଥିପାଇଁ ଜରୁରୀକାଳୀନ ଅଭ୍ୟାସକୌଶଳ ଆୟୋଜିତ

ପାରାଦୀପ,୭।୭:(ମନ୍ଥନ)ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ରେ ଏକ ପର୍ଯ୍ୟାୟ ୩ ଜରୁରୀକାଳୀନ ଅଭ୍ୟାସ କୌଶଳ (ମକଡ୍ରିଲ) ଜୁଲାଇ ୭ ତାରିଖ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ଥିଲା ରିଫାଇନେରୀର ବାହ୍ୟ ଅଞ୍ଚଳକୁ ପ୍ରଭାବିତ କରୁଥିବା ଘଟଣା ପାଇଁ ରିଫାଇନେରୀର ଜରୁରୀକାଳୀନ ପ୍ରତିକ୍ରିୟା ଓ ପ୍ରସ୍ତୁତି ଯାଞ୍ଚ କରିବା ସହ ଷ୍ଟେକ ହୋଲଡର ଏବଂ ମ୍ୟୁଚୁଆଲ ଏଡ୍ ଇଣ୍ଡଷ୍ଟ୍ରିଜ ସହିତ ସହଯୋଗରେ ବିପର୍ଯ୍ୟୟ ପରିସ୍ଥିତର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ଦେଶ୍ୟ ପାରାଦୀପ ତୈଳବିଶୋଧନାଗାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ଏହି ଅଭ୍ୟାସକୌଶଳ ଆୟୋଜିତ ହୋଇଥିଲା । ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଆଞ୍ଚଳିକ ସହକାରୀ



ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା ଏହି ମକ ଡ୍ରିଲ ର ସମୀକ୍ଷା କରିଥିଲେ । ପାରାଦୀପ ରିଫାଇନେରୀ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ କୌଶିକ ବସୁ ଙ୍କ ଅଧକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ପାରାଦୀପ ରିଫାଇନେରୀ ମ୍ୟାନେଜମେଣ୍ଟ, ଏନଡିଆରଏଫ,ରାଜ୍ୟ ପୋଲିସ ବିଭାଗ, ମ୍ୟୁଚୁଆଲ ଏଡ୍ ସହଯୋଗୀ, ପିପିଏଲ, ଇଫକୋ, ପାରାଦୀପ ବନ୍ଦର ପ୍ରାଧିକରଣ, ପାରାଦୀପ ରିଫାଇନେରୀ ଅଗ୍ନିଶମ ବିଭାଗ ର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ । ପାରାଦୀପ ତୈଳ ବିଶୋଧନାଗାର ର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ର କ୍ଲୋରିନ ଗ୍ୟାସ ଲିକ୍ ହୋଇ ଏହାର ମାତ୍ରା ବିଶୋଧନାଗାର ପରିସର ବାହାରକୁ ବ୍ୟାପି ଗଲେ ତାହାକୁ ସଫଳତାର ସହ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ଅଭ୍ୟାସକୌଶଳ ଟି ଆଧାରିତ ଥିଲା । ସେହିପରି ନିକଟସ୍ଥ ପ୍ରଭାବିତ ଅଞ୍ଚଳବାସୀ ଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବାର କୌଶଳ ପ୍ରଦର୍ଶିତ ହୋଇଥିଲା ।

## କୂଳ ଲଂଘିବା ଓ ବେଳାଭୂମି ଅବକ୍ଷୟ ପ୍ରସଙ୍ଗ

# ସମୁଦ୍ର ଉପକୂଳ ଅଞ୍ଚଳ ବୁଲି ଦେଖିଲେ ସିପିଆଇଏମ ନେତା

ଗଞ୍ଜାମ, ୭।୭:(ମନ୍ଥନ)ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଣ ପୁରୁଣାବନ୍ଧ ଠାରୁ ପ୍ରୟାଗି ପର୍ଯ୍ୟନ୍ତ ଗତ କିଛି ଦିନ ହେଲା ବେଳାଭୂମି ଦ୍ରୁତ ଗତିରେ ଅବକ୍ଷୟ ହେବାରେ ଲାଗିଛି । ବିଶେଷ କରି ସମୁଦ୍ର ଉଚ୍ଚ ଜୁଆର ମାଡ଼ରେ ପୋଡ଼ମ ପେଟା ଗ୍ରାମର ଗୋଟିଏ ପରେ ଗୋଟିଏ ଘର ସମୁଦ୍ର ଗର୍ଭକୁ ଚାଲି ଯାଉଛି । ଆଉ କିଛି ଦିନ ମଧରେ ସମୁଦ୍ର ଲହଡି ଜନ ବସତି ଆଡକୁ ମାଡି ଆସିବ ଏଥିରେ ସନ୍ଦେହ ନାହିଁ । ତାହା ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନର ତତ୍ପରତା ପାଇବା ସହ ସ୍ଥିତି ଅନୁଧ୍ୟାନ ପାଇଁ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ସୁଅ ଛୁଟୁଥିବା ଦେଖିବାକୁ ମିଳୁଛି । ଏନେଇ ସିପିଆଇଏମର ବରିଷ୍ଠ ନେତା ଅଳିକିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୋଡ଼ମପେଟା ଯାଇ ବିଭିନ୍ନ ଦିଗକୁ ନେଇ ସମୀକ୍ଷା କରିବା ସହ ସମୁଦ୍ର ଉପକୂଳ ବର୍ତ୍ତୀ ଲୋକଙ୍କ ଆଲୋଚନା କରିଛନ୍ତି । ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ, ଗୋପାଳ ପାଣିଗ୍ରାହୀ, ସୁଜିତ ବେହେରା, ତ୍ରିଲୋଚନ ପ୍ରଧାନ, ମନୋଜ ସାହୁ, ଶ୍ରୀଧର ସ୍ୱାଇଁ, ଧର୍ମରାଜ ସ୍ୱାଇଁ ଓ ବସନ୍ତ ସ୍ୱାଇଁ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ । ଏସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉପକୁଳ ଅଧିବାସୀଙ୍କ ଜନ ଜୀବନ ସୁରକ୍ଷା ନେଇ ଜିଲ୍ଲାପାଳଙ୍କ ଆଲୋଚନା କରିବେ ବୋଲି ପ୍ରକାଶ ପାଉଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୋଡ଼ମ ପେଟା ଗ୍ରାମକୁ ପ୍ରଶାସନ ପକ୍ଷରୁ ସିଲ କରାଯିବା ସହ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି । ବିଶେଷ କରି ଗୋଖରକୁଦା ଠାରୁ ବଟେଶ୍ୱର



ମନ୍ଦିର ବେଳାଭୂମି ପର୍ଯ୍ୟନ୍ତ ବେଳାଭୂମି ଅବକ୍ଷେୟ ହେଉଥିବା ଦେଖିବାକୁ ମିଳିଛି । ଯାହାଫଳରେ ବେଳାଭୂମି ନଷ୍ଟ ହେବା ସହ ବଟେଶ୍ୱର ଠାରୁ ସମୁଦ୍ର କୂଳକୁ ସଂଯୋଗ ରାସ୍ତାବି ଉଚ୍ଚ ଜୁଆର ମାଡ଼ ରେ ଭାଙ୍ଗି ଗଲାଣି । ଏଥିପାଇଁ ସମୁଦ୍ର ଉପକୁଳ ତଟବର୍ତ୍ତୀ ଅଂଚଳରେ ଲୋକଙ୍କ ମଧରେ ଆତଙ୍କ ଖେଳି ଯାଇଛି । ସିପିଆଇଏମ ପୂର୍ବତନ ରାଜ୍ୟ ସମ୍ପାଦକ ପଟ୍ଟନାୟକ ଗଣମାଧମକୁ ସୂଚନା ଦେଇଛନ୍ତି । ପ୍ରକାଶ ଯୋଗ୍ୟ ଦିନ କୁ ଦିନ ସମୁଦ୍ର ଉଗ୍ର ରୂପ ଧାରଣ କରିବା ସହ ଉଚ୍ଚ ଜୁଆରରେ ପୁରୁଣା ପୋଡମ ପେଟା ଗ୍ରାମର ଗୋଟିଏ ପରେ ଗୋଟିଏ ଘର ସମୁଦ୍ର ଗର୍ଭରେ ଲୀନ ହେଉଥିବା ଜଣା ପାଇବା ପରେ ପ୍ରଶାସନ ଓ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ମଧରେ ଉଦବେଗ

# ସ୍ୱର୍ଗତା ପାଲା ଗାୟିକା ଜୟଶ୍ରୀ ବେହେରାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ

କୋଣାର୍କ, ୭।୭:(ମନ୍ଥନ)କୋଣାର୍କ ଥାନା ଅଧିନସ୍ଥ କୁରୁଜଙ୍ଗ ଗ୍ରାମପଞ୍ଚାୟତର ଐତିହାସିକ ବୌଦ୍ଧପୀଠ ସ୍ଥିତ କୁରୁମ ଗ୍ରାମର ପାଲା ଗାୟିକା ସୁଶ୍ରୀ ଜୟଶ୍ରୀ ବେହେରାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ଚାରଣ ସଭା ଅର୍କମଣ୍ଡଳ ପାଲାଗାୟକ ପରିଷଦ ସମ୍ପାଦକ ତଥା କବି ମଂଗରାଜ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତା ଜୟଶ୍ରୀ ବେହେରାଙ୍କ ସହପାଠକ, ସହପାଠିନୀ ଓ ପରିବାରଙ୍କ ଆନୁକୂଲ୍ୟରେ ଏବଂ ଅର୍କ ମଣ୍ଡଳ ପାଲା ଗାୟକ ପରିଷଦ ସହଯୋଗରେ ଆୟୋଜିତ ସ୍ମୃତି ସଭାରେ ଶତାଧିକ ଜୟଶ୍ରୀ ପ୍ରେମୀଙ୍କ ସମାଗମରେ ଅଖଣ୍ଡ ପୁରୀଜିଲ୍ଲା ପାଲା ଗାୟକ ପରିଷଦ ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶ, ରାଜ୍ୟ ପାଲା ଗାୟକ ପରିଷଦ ସାଧାରଣ ସମ୍ପାଦକ ଗାୟକ ଆନନ୍ଦ ବସନ୍ତ କୁମାର ରାଉତ, ଆଇନଜୀବୀ ହରେକୃଷ୍ଣ ସ୍ୱାଇଁ, ଗାୟକ ଲଳିତ ଉପେନ୍ଦ୍ର ନାଥ ବେହେରା, ଗାୟକ ରମେଶ ଚନ୍ଦ୍ର ବେହୁରା, ଗ୍ରାମ ମୁଖ୍ୟ ବିଶ୍ୱନାଥ ପ୍ରଧାନ ପ୍ରମୁଖ ଯୋଗଦାନ କରି



ତାଙ୍କର ଆଦର୍ଶ, ସୁଲଳିତ କଣ୍ଠସ୍ୱର, ବାଗ୍ମୀତା ଓ ପାଲା ଗାଇବାର ଅନନ୍ୟ ଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହିତ ଗାୟକ ତ୍ରିଲୋଚନ ନାୟକ, ବସନ୍ତ କୁମାର ମଙ୍ଗରାଜ, ଗାୟିକା ସଂଘମିତ୍ରା ବରାଳ, ଗାୟିକା ଶୁଚିସ୍ମିତା ବେହେରା, ବାୟକ ଶିବପ୍ରସାଦ ଦାସ, ସୂର୍ଯ୍ୟକାନ୍ତ ବେହେରା,ସଂଗୀତ ଆର୍ତ୍ତବନ୍ଧୁ ବାଲ୍, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗୋବର୍ଦ୍ଧନ ବାରିକ ଏବଂ ଜୟଶ୍ରୀଙ୍କର ସହପାଠକ, ସହପାଠିନୀ ସରୋଜ କୁମାର ବେହେରା, ଲକ୍ଷ୍ମୀକାନ୍ତ ନାୟକ, ବୁଧନାଥ ସ୍ୱାଇଁ, ସୁରେନ୍ଦ୍ର ଜେନା, ସରୋଜିନୀ ବେହେରା, କନକଲତା ଭୂୟାଁ, ଶୈଳବାଳା ଜେନା, ଅଞ୍ଜନା ବରାଳ ସାମ୍ବାଦିକ ଦୁର୍ଗାଚରଣ ମହାପାତ୍ର ଓ ପତ୍ର ମାଧମରେ ଅବସରପ୍ରାପ୍ତ ପ୍ରାଧାପକ ସୁଧିର ଚନ୍ଦ୍ର ଭୂୟାଁ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଏହି ସ୍ମୃତି ସଭାରେ ଅଶୋକ କୁମାର ବେହେରା ବନ୍ଧୁ ସରୋଜ କୁମାର ବେହେରା, ଉମାକାନ୍ତ ବେହେରା, ସୁକାନ୍ତ କୁମାର ବେହେରା ଓ ପରିବାରବର୍ଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବେଳାଭୂମି ଅବକ୍ଷୟ ପ୍ରସଙ୍ଗ

# ଜିଲ୍ଲାପାଳଙ୍କ ପ୍ରତିଶୃତି ପରେ ୮ରେ ହେବାକୁ ଥିବା ଆନ୍ଦୋଳନ ସ୍ଥଗିତ

ଗଞ୍ଜାମ, ୭।୭:(ମନ୍ଥନ)ଦିନକୁ ଦିନ ଅଶାନ୍ତ ହେଉଛି ସମୁଦ୍ର । ସମୁଦ୍ରର ଉଚ୍ଚ ଜୁଆର ଯୋଗୁଁ ଗୋଖର କୁଦା ଠାରୁ ପୋଡମ ପେଟା, ବଟେଶ୍ୱର ବେଳାଭୂମି ଦେଇ ପ୍ରାୟଗି ପର୍ଯ୍ୟନ୍ତ ସମୁଦ୍ର ବେଳାଭୂମି ଅବକ୍ଷୟ ହେବାରେ ଲାଗିଛି । ପୋଡ଼ମ ପେଟା ଗ୍ରାମରେ ଲୋକ ରହୁ ନଥିବା ପ୍ରାୟ ଚାରିଶହ ଘର ମଧରୁ ତିନି ଶହ ଘର ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଲାଣି । ସମୁଦ୍ରର ଉଚ୍ଚ ଢେଉ ଦ୍ୱାରା ସମୁଦ୍ର କୂଳ ନିକଟସ୍ଥ ଝାଉଁ ବଣ ନଷ୍ଟ ହେଲାଣି । ବର୍ତ୍ତମାନ ଆଉ କିଛି ମାସ ମଧରେ ଜନବସତି ଆଡେ ସମୁଦ୍ର ପାଣି ମାଡି ଆସିବ । ଏଥିପାଇଁ ସମୁଦ୍ର ଉପକୁଳ ତଟବର୍ତ୍ତୀ ଅଞ୍ଚଳ ବାସୀଙ୍କ ନିଦ ହଜିଲାଣି । ସରକାର କିମ୍ବା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଲେ ଆସନ୍ତା ୮ ରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ବାସୀ ପକ୍ଷରୁ ଡାକରା ଦିଆଯାଇଥିଲା । ଜିଲ୍ଲାପାଳଙ୍କ ପ୍ରତିଶୃତି ପରେ ତାହା ସ୍ଥଗିତ ରଖା ଯାଇଥିବା ଉପକୂଳ ଗ୍ରାମ ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି । ଏନେଇ କଣ୍ଟିଆଗଡ଼ ନିକଟରେ ଥିବା ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଉପକୂଳ ଗ୍ରାମ ସୁରକ୍ଷା ସମିତି ପକ୍ଷରୁ ତୃତୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା । ଏଥିରେ ପବିତ୍ର ସ୍ୱାଇଁଙ୍କ ସଭାପତି କରିଥିଲେ । ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ, ଶିବରାମ ପଲାଇ, ବୃନ୍ଦାବନ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ବଳିଆ ତରାଇ, ନାରାୟଣ ପ୍ରଧାନ, ଅଜୟ ପ୍ରଧାନ, ରଞ୍ଜିତ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ପୂର୍ବରୁ ଗ୍ରାମବାସୀ ମାନେ ମାନ୍ୟବର ଜିଲ୍ଲାପାଳ ପାଖକୁ ଯାଇ ସମୁଦ୍ର ଉପକୂଳ ଅବକ୍ଷୟ ବିଷୟରେ ଅବଗତ କରାଇ ଆଗାମୀ ୮ ତାରିଖ ରେ ଆନ୍ଦୋଳନ କରି ରାସ୍ତା ଅବରୋଧ ପାଇଁ ଚେତାବନୀ ଦେଇଥିଲେ ଏଂ ଜିଲ୍ଲାପାଳ ମହୋଦୟ ଏହାର ସ୍ଥାୟୀ ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତେଣୁ ଆନ୍ଦୋଳନଙ୍କୁ ସ୍ଥଗିତ କରାଯାଇଛି ବୋଲି ଗଣମାଧମକୁ ସୂଚନା ମିଳିଛି ।

# ଗାଣ୍ଡୁ ନାହାକ ହାଇ ସ୍କୁଲରେ ବନ ମହୋତ୍ସବ ପାଳିତ

ଗଞ୍ଜାମ,୭।୭:(ମନ୍ଥନ)ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଝାରେଡି ରାଧା ଗୋବିନ୍ଦ ପୁର ସ୍ଥିତ ଗାଣ୍ଡୁ ନାହାକ ହାଇ ସ୍କୁଲରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝାଡେଶ୍ୱର ପଲେଇ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେଶପୁର ସେକ୍ସନ ବନ୍ୟ ପ୍ରାଣୀ ବନପାଳ ବଳରାମ ସାହୁ, ମୁଖ୍ୟ ବକ୍ତା ଭାବେ ପ୍ରକୃତି ବନ୍ଧୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ,ସମ୍ମାନିତ ଅତିଥି ଭାବେ ରମ୍ଭା ହାଇସ୍କୁଲ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳ କୃଷ୍ଣ ମହାରଣା, ଝାରେଡି ରାଧା ଗୋବିନ୍ଦ ପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ପୂର୍ବତନ ସରପଞ୍ଚ ତୋଫାନ ନାହାକ ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଁଛଣା ପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶେଷଦେବ ବେହେରା ସଂଯୋଜନା କରିଥିଲେ । ସଭାର



ପ୍ରାରମ୍ଭରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିରଞ୍ଚି ନାହାକ ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପରିଚୟ ପ୍ରଦାନ କରିଥିଲେ ଯବିଭିନ୍ନ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ବନ ସଚେତନତା ଆଧାରିତ ପ୍ରାରମ୍ଭିକ ସଙ୍ଗୀତ ବେଶ୍ ହୃଦୟ ସ୍ପର୍ଶୀ ହୋଇଥିଲା । ଉକ୍ତ ସଭାରେ ବିଦ୍ୟାଳୟ ଛାତ୍ରୀ ବିଷ୍ଣୁପ୍ରିୟା ନାହାକ ଓ ଶୁଭଲକ୍ଷ୍ମୀ ନାହାକଙ୍କ ଦ୍ୱାରା ପରିବେଶ ସମ୍ପର୍କିତ ଚିତ୍ରାଙ୍କନ ପ୍ରଦର୍ଶନ ଓ ବକ୍ତୃତା ପ୍ରଦାନ ବେଶ୍ ମନୋମୁଗ୍ଧକର ହୋଇଥିବା ଯୋଗୁଁ ପୁରସ୍କୃତ ହୋଇଥିଲେ । ସଭା ଶେଷରେ ବିଦ୍ୟାଳୟର ଶିକ୍ଷକ ରମେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସଞ୍ଜୀବ ନାୟକ,ବନରକ୍ଷୀ ତପନ ଜେନା, ଅରୁନ୍ଧତୀ ପୋତା, ସ୍କାର୍ଡ ସଦସ୍ୟ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ । ପରିଶେଷରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯିବା ସଙ୍ଗେ ସଙ୍ଗେ ଆଗ୍ରହୀ ଛାତ୍ର ଛାତ୍ରୀ ମାନଙ୍କୁ ଚାରା ବଣ୍ଟନ କରା ଯାଇ ଥିଲା ।

ବୁଧବାର ୦୮, ଜୁଲାଇ ୨୦୨୬, ଭୁବନେଶ୍ୱର
Wednesday, 08 July 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଗଣମାଧ୍ୟମର ଦୃଷ୍ଟିକୋଣ

ଆଧୁନିକ ଗଣତାନ୍ତ୍ରୀକ ବ୍ୟବସ୍ଥାରେ ଚତୁର୍ଥ ସ୍ତମ୍ଭ ଭାବରେ ପରିଚିତ ଗଣମାଧ୍ୟମ ଓ ଏହା ସହିତ ଜଡ଼ିତ ସାମ୍ବାଦିକମାନଙ୍କ ସାମାଜିକ ସ୍ଥିତି ଏବଂ ସେମାନଙ୍କ ପ୍ରତି ଜନମାନସର ଦୃଷ୍ଟିକୋଣକୁ ନେଇ ଏକ ଗମ୍ଭୀର ବିତର୍କ ମୁଣ୍ଡ ଟେକିଛି ଯାହାକୁ କେବଳ ସାଧାରଣ ସମାଲୋଚନା କହି ଏଡାଇ ଦିଆଯାଇପାରିବ ନାହିଁ। ବିଶେଷକରି ଗତ କିଛି ମାସ ହେବ ସୋସିଆଲ ମିଡିଆରେ ବିଭିନ୍ନ ପ୍ଲାଟଫର୍ମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆକ୍ଷେପ କରି ବ୍ୟବହାର କରାଯାଉଥିବା 'ବିସ୍କୁଟ ମିଡିଆ' ଭଳି ଅତ୍ୟନ୍ତ ଅପମାନଜନକ ଏବଂ ନିନ୍ଦନୀୟ ଶବ୍ଦକୁ ନେଇ ସାମ୍ବାଦିକ ଜଗତରେ ତୀବ୍ର କ୍ଷୋଭ ଓ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଓଡିଶାର ଜଣେ ବରିଷ୍ଠ ତଥା ସାହସୀ ମହିଳା ସାମ୍ବାଦିକ ଫେସବୁକ୍ ଜରିଆରେ ସେହି ସମସ୍ତ ସୋସିଆଲ ମିଡିଆ ଟ୍ରୋଲର୍ସ ଏବଂ ସମାଲୋଚକମାନଙ୍କୁ ଯେଉଁ କଡା ଜବାବ ଦେଇଛନ୍ତି, ତାହା କେବଳ ଏକ ବ୍ୟକ୍ତିଗତ ପ୍ରତିକ୍ରିୟା ନୁହେଁ ବରଂ ସମଗ୍ର ସାମ୍ବାଦିକ ସମାଜର ଅନ୍ତର୍ନିହିତ ବେଦନା, ସଂଘର୍ଷ ଏବଂ ସ୍ୱାଭିମାନର ଏକ ଜ୍ୱଳନ୍ତ ପ୍ରତିଫଳନ। ସେହି ସାମ୍ବାଦିକାଙ୍କ ଏହି ସ୍ୱଷ୍ଟୋକ୍ତି ଆଜିର ସମାଜକୁ ଏକ ବଡ ଆଇନା ଦେଖାଉଛି ଏବଂ କୌଣସି ସାମ୍ବାଦିକର ଜୀବନ କେତେ ଯେ ଜଟିଳ ଏବଂ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରିଥାଏ ତାହା ଏୟାରକଣ୍ଡିସନ କୋଠରୀରେ ବସି ସ୍ମାର୍ଟଫୋନରେ ଟ୍ରୋଲ କରୁଥିବା ବ୍ୟକ୍ତିମାନେ କଦାପି ଅନୁଭବ କରିପାରିବେ ନାହିଁ। ଜଣେ ସାମ୍ବାଦିକ ଅତ୍ୟନ୍ତ ସ୍ୱଳ୍ପ ଦରମାରେ କାମ କରୁଥିଲେ ସୁଦ୍ଧା, ଗ୍ରୀଷ୍ମର ପ୍ରଖର ତାତି, ବର୍ଷାର ପ୍ରଳୟଙ୍କାରୀ ବନ୍ୟା କିମ୍ବା ଶୀତର କାକରକୁ ଖାତିର ନକରି ଦିନରାତି ୨୪ଘଂଟା ଜନସାଧାରଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ପହଂଚାଇବା ପାଇଁ ରାସ୍ତାରେ ଛିଡା ହୋଇଥାଏ। ସେମାନେ କୌଣସି ପ୍ରକାରର ଚୋରି, ଡକାୟତି, ଦଲାଲି କିମ୍ବା ବେଆଇନ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରନ୍ତି ନାହି, ବରଂ ନିଜର ରକ୍ତ ଓ ଝାଳ ବୁହାଇ କିମ୍ବା ବେଆଇନ କାର୍ଯ୍ୟ କରି କରିଥାନ୍ତି। ଅନେକ ସମୟରେ ମାସ ମାସ ଧରି ସେମାନଙ୍କର ସଠିକ୍ ସମୟରେ ଦରମା ମିଳିନଥାଏ, ଯାହାଫଳରେ ଦୈନନ୍ଦିନ ସଂସାର ଚଳାଇବା ସେମାନଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡେ, ତଥାପି ସେମାନେ କେବେ ହେଲେ ନିଜର ଆତ୍ମସମ୍ମାନ, ସ୍ୱାଭିମାନ ଓ ବ୍ୟବସାୟିକ ନୈତିକତାକୁ କାହା ପାଖରେ ବନ୍ଧା ପକାନ୍ତି ନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଉଛି, ଆଜିର ସୋସିଆଲ ମିଡିଆ ଯୁଗରେ କିଛି ନ୍ୟାସ୍ତସ୍ୱାର୍ଥ ଗୋଷ୍ଠୀ ଏବଂ ରାଜନୈତିକ ଦଳର ଆଇଟି ସେଲ ସାଧାରଣ ସାମ୍ବାଦିକମାନଙ୍କୁ କେବଳ ନିଜ ସ୍ୱାର୍ଥର ବଶବର୍ତ୍ତୀ ହୋଇ କୁତ୍ସାରଟନା କରୁଛନ୍ତି। ଓଡିଶାର ରାଜନୈତିକ ଇତିହାସକୁ ଯଦି ଆମେ ଅନୁଧ୍ୟାନ କରିବା, ତେବେ ଦେଖିବାକୁ ପାଇବା ଯେ ରାଜ୍ୟର ବଡ ବଡ ପ୍ରଭାବଶାଳୀ ନେତାଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜର ରାଜନୈତିକ ଅସ୍ତିତ୍ୱ ବଜାୟ ରଖିବା ପାଇଁ ଏବଂ ନିଜ ସରକାରର ଯୋଜନା ଓ ପ୍ରଚାର ପାଇଁ ସବୁବେଳେ ଗଣମାଧ୍ୟମର ଆବଶ୍ୟକତା ଥାଏ, ସେତେବେଳେ ସେମାନେ ଗଣମାଧ୍ୟମ ଆଗରେ ହାତ ଯୋଡି ଛିଡା ହୁଅନ୍ତି, କିନ୍ତୁ ସେହି ଗଣମାଧ୍ୟମ ଯେତେବେଳେ ସରକାର କିମ୍ବା ବ୍ୟବସ୍ଥାର ତ୍ରୁଟିବିଚ୍ୟୁତିକୁ ପଦାରେ ପକାଏ ସେତେବେଳେ ସେମାନଙ୍କ ସମର୍ଥକମାନେ ସାମ୍ବାଦିକମାନଙ୍କୁ 'ବିସ୍କୁଟ ମିଡିଆ' କହି ଅପମାନିତ କରିବାକୁ ପଛାନ୍ତି ନାହିଁ। ଗତ କିଛି ଦିନ ତଳେ ଓଡିଶାର ସାମାଜିକ ଓ ଶିକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେଇଥିବା ବିରାଟ ଘଟଣା ଯଥା 'ପାଠ୍ୟ ପୁସ୍ତକି ତ୍ରୁଟି' ଏବଂ 'ରାୟଗଡାର କୁରୁସଭା' ଭଳି ସମ୍ବେଦନଶୀଳ ପ୍ରସଙ୍ଗଗୁଡିକୁ କେବଳ ଓଡିଶାର ସାମ୍ବାଦିକମାନେ ହିଁ ନିଜ ଜୀବନକୁ ବାଜି ଲଗାଇ ଗ୍ରାଉଣ୍ଡ ଜିରୋରୁ ପ୍ରମୁଖତା ସହକାରେ ଉପସ୍ଥାପନ କରିଥିଲେ। ଗଣମାଧ୍ୟମର ଏହି ପ୍ରଖର ନିରନ୍ତର ଉପସ୍ଥାପନା ଯୋଗୁଁ ହିଁ ସରକାର ଓ ପ୍ରଶାସକ ବାଧ୍ୟ ହୋଇ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏବଂ ଜନସାଧାରଣ ନ୍ୟାୟ ପାଇଲେ। ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ସମୟରେ ରାଜ୍ୟରେ ଏଭଳି ଦୁର୍ନୀତି ଓ ଅନ୍ୟାୟ ଚାଲିଥିଲା, ସେତେବେଳେ ନିଜକୁ ଜନସାଧାରଣ ରକ୍ଷକ କହୁଥିବା ବିରୋଧି ଦଳଗୁଡିକ କେବଳ ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ପ୍ରେସମିଟ୍ କରିବା ଏବଂ ସୋସିଆଲ ମିଡିଆରେ ଟ୍ରୋଲିଂ କରିବା ମଧ୍ୟରେ ନିଜର କର୍ତ୍ତବ୍ୟ ସୀମିତ ରଖିଥିଲେ। ସେମାନେ ଜନସାଧାରଣଙ୍କ ହକ ପାଇଁ କିମ୍ବା ଏହି ଦୁର୍ନୀତି ବିରୁଦ୍ଧରେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାର ସାହସ ସୁଦ୍ଧା ଦେଖାଇଲେ ନାହିଁ। ଏହି ପରିପ୍ରେକ୍ଷୀରେ ସେହି ମହିଳା ସାମ୍ବାଦିକା ବିରୋଧୀ ଦଳର ନେତା ଓ ସମାଲୋଚମାନଙ୍କୁ ଏକ ଅତ୍ୟନ୍ତ ତୀକ୍ଷ୍ଣ ତଥା ଯଥାର୍ଥ ପ୍ରଶ୍ନ ପଚାରିଛନ୍ତି ଯେ ଏଭଳି ଗୁରୁତର ଘଟଣା ଘଟିବା ସତ୍ତ୍ୱେ ଚୁପ୍ ରହିଥିବ ବିରୋଧୀଙ୍କ ମୁହଁରେ କଣ କିଏ ବିସ୍କୁଟ ପକେଇ ଦେଉଛି କି ଯେ ସେମାନେ ଜନ ଆନ୍ଦୋଳନ ନକରି ନିଜ ନିଜ ଘରେ ବସି ରହିଲେ ? ଏହି ପ୍ରଶ୍ନଟି ଆଜି ସମଗ୍ର ରାଜନୈତିକ ବ୍ୟବସ୍ଥାର ନିଷ୍କ୍ରିୟତା ଓ ଦୋମୁହାଁ ନୀତିକୁ ସମ୍ପୂର୍ଣ୍ଣ ରୂପେ ଉଲଗ୍ନ କରିଦେଉଛି। ସାମ୍ବାଦିକମାନେ ଯେତେବେଳେ ସମାଜର ନିଷ୍ପେସିତ, ଗରିବ ଏବଂ ଅସହାୟ ଲୋକଙ୍କ ସ୍ୱର ସାଜନ୍ତି, ସେତେବେଳେ ସେମାନଙ୍କୁ ପ୍ରଶଂସା ମିଳେନାହିଁ, କିନ୍ତୁ ସାମାନ୍ୟ କିଛି ଭୁଲ ବା କାହାର ବ୍ୟକ୍ତିଗତ ଏଜେଣ୍ଡା ପୂରଣ ନହେଲେ ସମଗ୍ର ମିଡିଆ ଜଗତକୁ ବଦନାମ କରାଯାଏ। ଜଣେ ସାମ୍ବାଦିକ ନିଜ ସ୍ୱାସ୍ଥ୍ୟ, ନିଜ ପରିବାରର ସୁଖ-ଶାନ୍ତିକୁ ତ୍ୟାଗ କରି ସମାଜକୁ ସଚେତନ କରିବା ପାଇଁ ରାତି ଅନିଦ୍ରା ହୋଇ ଖବର ସଂଗ୍ରହ କରେ। ଯଦି କୌଣସି ସ୍ଥାନରେ ଦୁର୍ଘଟଣା ଘଟେ ହତ୍ୟାକାଣ୍ଡ ହୁଏ କିମ୍ବା କୌଣସି ପ୍ରାକୃତିକ ବିପର୍ଯ୍ୟାୟ ଆସେ, ତେବେ ସାଧାରଣ ଲୋକେ ସେହି ସ୍ଥାନରୁ ଦୂରେଇ ଯାଉଥିବାବେଳେ ଜଣେ ସାମ୍ବାଦିକ ନିଜ ଜୀବନକୁ ବିପଦରେ ପକାଇ ସେହି ସ୍ଥାନକୁ ସର୍ବପ୍ରଥମେ ପହଂଚିଥାଏ। ଏଭଳି ନିଷ୍ଠାପର କାର୍ଯ୍ୟ ପାଇଁ ସେମାନଙ୍କୁ ଧନ୍ୟବାଦ ଦେବା ପରିବର୍ତ୍ତେ ସୋସିଆଲ ମିଡିଆରେ ବସି କିଛି କିଛି ଅପରିପକ୍ୱ ବ୍ୟକ୍ତି ସେମାନଙ୍କୁ ବିସ୍କୁଟ ମିଡିଆ କହିବା ସେମାନଙ୍କ ମାନସିକ ଦେବାଳିଆପଣକୁ ହିଁ ଦର୍ଶାଉଛି। ଓଡିଶାର ଶିକ୍ଷା ବ୍ୟବସ୍ଥାରେ ପାଠ୍ୟ ପୁସ୍ତକରେ ହୋଇଥିବା ଗୁରୁତର ତ୍ରୁଟି କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଇଥାନ୍ତା, ଯଦି ସାମ୍ବାଦିକମାନେ ସେହି ବିଷୟକୁ ଲୋକଲୋଚନକୁ ଆଣିନଥାନ୍ତେ। ସେହିପରି ରାୟଗଡାରେ ଘଟିଥିବା 'କୁରୁସଭା' ଘଟଣା ସାମାଜିକ ନୈତିକତାର ସବୁ ସୀମା ପାର କରିଥିଲା, ଯାହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଗଣମାଧ୍ୟମ ପ୍ରଶାସନକୁ ନିଦରୁ ଉଠାଇଥିଲା। ଏହି ସମସ୍ତ ସଫଳତା ପଛରେ ରହିଛି ସେହି ସାମ୍ବାଦିକାମାନଙ୍କର ଅକ୍ଲାନ୍ତ ପରିଶ୍ରମ ଯେଉଁମାନଙ୍କୁ ଆଜି ସମାଜର କିଛି ଅସାମାଜିକ ତତ୍ତ୍ୱ ଟ୍ରୋଲ କରୁଛନ୍ତି। ବାସ୍ତବରେ ଆତ୍ମସମୀକ୍ଷାର ଆବଶ୍ୟକତା ସାମ୍ବାଦିକମାନଙ୍କର ନୁହେଁ, ବରଂ ସେହି ସମାଲୋଚକ ଓ ନିଷ୍କ୍ରିୟ ବିରୋଧୀ ଦଳଗୁଡିକର ରହିଛି ଯେଉଁମାନେ ନିଜର ଦାୟିତ୍ୱ ଭୁଲି କେବଳ ଅନ୍ୟ ଉପରେ କାଦୁଅ ଫିଙ୍ଗିବାରେ ବ୍ୟସ୍ତ ଅଛନ୍ତି। ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ ଏବଂ ଏହାର ସ୍ୱାଧୀନତା ଓ ସମ୍ମାନ ରକ୍ଷା କରିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ। ଏଭଳି ନିର୍ଭୀକ ସାମ୍ବାଦିକା ସମଗ୍ର ସାମ୍ବାଦିକ ସମାଜ ପାଇଁ ଏକ ପ୍ରେରଣା ଏବଂ ସେମାନଙ୍କର ଏହି କଡା ମନୋଭାବ ସୋସିଆଲ ମିଡିଆ ଟ୍ରୋଲର୍ସଙ୍କ ମୁହଁ ବନ୍ଦ କରିବା ପାଇଁ ଯଥେଷ୍ଟ। ଆଗାମି ଦିନରେ ସାମ୍ବାଦିକମାନଙ୍କୁ ସମ୍ମାନ ଦେବା ଏବଂ ସେମାନଙ୍କ ସଂଘର୍ଷକୁ ବୁଝିବା ପାଇଁ ସମାନ ନିଜର ମନୋଭାବ ବଦଳାଇବା ଉଚିତ୍, ନଚେତ୍ ସମାଜରୁ ସତ୍ୟର ସ୍ୱର ଚିରଦିନ ପାଇଁ ନିଶ୍ଚିହ୍ନ ହୋଇଯିବ ଏବଂ ଅନ୍ୟାୟା ଓ ଅଧର୍ମର ସାମ୍ରାଜ୍ୟ ପ୍ରତିଷ୍ଠା ହେବ। ସାମ୍ବାଦିକତାର ମୂଲ୍ୟବୋଧ ଏବଂ ଗରିମା କୌଣସି ପ୍ୟାକେଟ ବିସ୍କୁଟରେ ସୀମିତ ନୁହେଁ, ଏହି ହେଉଛି ଗଣତନ୍ତ୍ରର ମୂଳଦୁଆ ଯାହାକୁ ଭାଙ୍ଗିବା ପାଇଁ ଚେଷ୍ଟା କରୁଥିବା ଲୋକମାନେ ଇତିହାସରେ କେବେ ହେଲେ କ୍ଷମା ପାଇବେ ନାହିଁ। ଜଣେ ସାମ୍ବାଦିକର କଲମ ଏବଂ କ୍ୟାମେରା ଯେତେବେଳେ ସତ୍ୟର ସନ୍ଧାନରେ ବାହାରେ, ସେତେବେଳେ କୌଣସି ଶକ୍ତି ତାକୁ ଅଟକାଇ ପାରେ ନାହିଁ। ସୋସିଆଲ ମିଡିଆରେ ସାଧ୍ୱୀ ସାଜି ଗାଲିଗୁଲଜ କରୁଥିବା ବ୍ୟକ୍ତିମାନେ ଥରେ ଫିଲ୍ଡକୁ ଓହ୍ଲାଇ ଦେଖନ୍ତୁ ଯେ କେତେ କଷ୍ଟରେ ଗୋଟିଏ ଖବର ସଂଗ୍ରହ କରାଯାଏ। ସ୍ୱଳ୍ପ ସମ୍ବଳ ଓ ଅସଂଖ୍ୟ ପ୍ରତିବନ୍ଧକ ସତ୍ତ୍ୱେ ଓଡିଶାର କୋଣ ଅନୁକୋଣରେ କାର୍ଯ୍ୟରତ ସାମ୍ବାଦିକମାନେ ନିଜର କର୍ତ୍ତବ୍ୟ ପଥରୁ କଦାପି ବିଚ୍ୟୁତ ହୋଇନାହାନ୍ତି। ବିରୋଧୀ ଦଳଗୁଡିକ ଯେଉଁମାନେ ନିଜର ସାଂଗଠନିକ ଦୁର୍ବଳତା ଲୁଚାଇବା ପାଇଁ ମିଡିଆକୁ ଦୋଷ ଦେଉଛନ୍ତି, ସେମାନଙ୍କ ନିଷ୍କ୍ରିୟତା ଆଜି ସର୍ବସାଧାରଣରେ ପ୍ରକାଶ ପାଉଛି। ଏହି ଆହ୍ୱାନ ଓଡିଶାର ପ୍ରତ୍ୟେକ ଜନସାଧାରଣଙ୍କ ମନକୁ ଆନ୍ଦୋଳିତ କରିଛି ଏବଂସୋସିଆଲ ମିଡିଆରେ ଚାଲିଥିବା ଆଶାଳୀନ ଟ୍ରୋଲିଂ ସଂସ୍କୃତି ଉପରେ ଏକ ଶକ୍ତ ପ୍ରହ୍ୱାର କରିଛି।

# ଧର୍ମ: ନେତି-ନେତି ରୁ ବ୍ୟବସାୟ ପର୍ଯ୍ୟନ୍ତ

**ଗୋପାଳ ମହାପାତ୍ର ■**

ଏବେ ରାମ ମନ୍ଦିର ଚୋରି କୁ ନେଇ ଅତ୍ର ଯତ୍ର ସର୍ବତ୍ର ଚର୍ଚ୍ଚା ଚାଲିଛି। ମନ୍ଦିର ଇଶ୍ୱର ଓ ଦାନ ଉପରେ ସନାତନ ପରମ୍ପରା କ'ଣ କୁହେ ସେ କଥା ମଧ୍ୟ ଜାଣିବା ଉଚିତ୍। ସନାତନ ପରମ୍ପରାରେ ଇଶ୍ୱରଙ୍କୁ କେବେ କୌଣସି ଏକ ଦେବାଳୟ (ମନ୍ଦିର)ର ପରିଧି ମଧ୍ୟରେ ବାନ୍ଧି ରଖାଯାଇ ପାରିବ ନାହିଁ। ଇଶ୍ୱର ବୃକ୍ଷର ଛାୟାରେ, ନଦୀର ଧାରାରେ, ଅଗ୍ନିର ଜ୍ୱାଳାରେ ଏପରିକି ଆକାଶର ନିସ୍ତବ୍ଧତାରେ ମଧ୍ୟ ବିଦ୍ୟମାନଥିଲେ ଓ ଏବେବି ବିଦ୍ୟମାନ ଅଛନ୍ତି। ମନୁଷ୍ୟର ଆନ୍ତଃକରଣରେ ମଧ୍ୟ ଇଶ୍ୱର ବିଦ୍ୟମାନ। ଇଶ୍ୱର ବସ୍ତୁ ନୁହଁନ୍ତି ସେ ହେଉଚନ୍ତି ଅନୁଭବ ଚେତନା। ଇଶ୍ୱର ସଂଗ୍ରହ ନୁହଁନ୍ତି। ଆଜିର ସମୟର ବିଡ଼ମ୍ବନା ହେଉଛି ଯେଉଁ ଅସ୍ତିତ୍ୱକୁ ମୁନୀ ଋଷିମାନେ "ନେତି-ନେତି" କହି ସମସ୍ତ ସୀମାର ଉପରେ ସ୍ଥାପିତ କରିଥିଲେ ଆଜି ତାକୁ ଆମେ ସ୍ୱର୍ଣ୍ଣ-ମଣ୍ଡିତ ଶିଖରରେ, ଅଭେଦ୍ୟ ସ୍ଥାନରେ ଏପରିକି ସଂଗଠିତ ପ୍ରବନ୍ଧନ ଭିତରେ ଖୋଜିବାରେ ଲାଗିଛେ। ଏହା ଧାର୍ମିକ ସଂରଚନାର ବିସ୍ତାର ନୁହେଁ ବରଂ ମନଷ୍ୟର ଚେତନାରେ ଘଟିତ ଏକ ସୂକ୍ଷ୍ମ ବିସ୍ଥାପନ ଅଟେ ଯେଉଁଠି ଆଧ୍ୟାତ୍ମ ମଧ୍ୟ ଧିରେ ଧିରେ ବଜାର ର ଭାଷା ଶିଖିଗଲାଣି।

ଧର୍ମ ସେ ପର୍ଯ୍ୟନ୍ତ ଜୀବନ୍ତ ରହିଥାଏ ଯେପର୍ଯ୍ୟନ୍ତ ସେ ମନୁଷ୍ୟକୁ ଗଭୀରତମ ଯାତ୍ରା ପର୍ଯ୍ୟନ୍ତ ନେଇ ଯାଇଥାଏ। ଯେତେବେଳେ ଏହା ବାହାରର ଭବ୍ୟତାରେ ଉପାସକ ପାଲଟିଯାଏ ତାର କେନ୍ଦ୍ର ବଦଳିବାରେ ଲାଗେ। ଏଭଳି ହେଲେ ମନ୍ଦିର କେବଳ ପୂଜା ଅର୍ଚ୍ଚନାର ସ୍ଥାନ ଭାବେ ରହେନାହିଁ ଏହା ପ୍ରତିଷ୍ଠା, ପ୍ରଭାବ ଏବଂ ସଂଶାଧନର ପ୍ରତୀକ ପାଲଟି ଯାଇଥାଏ। ଶ୍ରଦ୍ଧାର ଉଚ୍ଚତା ଅନ୍ତଃକରଣର ନିର୍ମଳତାର ସ୍ଥାନ ବଦଳରେ ଦାନପାତ୍ରର ଗଭୀରତାର ଆଧାରରେ ହେବାରେ ଲାଗିଛି ଏବଂ ଦାନ କୁ ନେଇ ଚିନ୍ତା ଅଧିକ ହେବାରେ ଲାଗିଛି ଯେପରି ବ୍ୟବସାୟ ପ୍ରତିଷ୍ଠାନର ଲାଭ କମିଲେ ବ୍ୟବସାୟୀ ଚିନ୍ତାରେ ପଡିଯାଏ। ଏହି ସ୍ଥଳରେ ଧର୍ମ ମୌନ ହୋଇଯାଏ ଓ ବଜାର ବ୍ୟବସାୟ ବଢ଼ିଚାଲେ। ଏଭଳି ପରିବର୍ତ୍ତନର ସବୁଠାରୁ ବଡ଼ କାରଣ ହେଉଛି ମନୁଷ୍ୟର ଧାର୍ମିକ ମନୋବିଜ୍ଞାନ ବଦଳିଯିବା। ଧାର୍ମିକ ମନୋବିଜ୍ଞାନ ବଦଳିଗଲେ ପ୍ରାର୍ଥନା ଆତ୍ମସମର୍ପଣ ନୁହେଁ ଆଶା ବା ଅପେକ୍ଷାର ଅନୁବନ୍ଧ ପାଲଟିଯାଇଥାଏ।

ସମୟଥିଲା ମନୁଷ୍ୟ ଇଶ୍ୱରଙ୍କ ପାଖରେ ନିଜକୁ ସମର୍ପଣ କରି ନିଜକୁ ରିକ୍ତ କରିବା ପାଇଁ ଯାଉଥିଲା କିନ୍ତୁ ଏବେ ଇଚ୍ଛା ବା ଆଶାର ଏକ ଲମ୍ବା ତାଲିକା ନେଇ ଇଶ୍ୱରଙ୍କ ପାଖକୁ ଯାଉଛି। ମନ୍ଦିରକୁ ଯାଇ ଇଶ୍ୱରଙ୍କ ଆଗରେ ମଣିଷ ହାତକୁ ଯୋଡ଼େ କିନ୍ତୁ ଭିତରେ ଏକ ଅଦୃଶ୍ୟ ଗଣିତ ଚାଲିଥାଏ ଯେ କେତେ ଅର୍ପଣ କରିବି, କେତେ ଅର୍ପଣ କଲେ କୃପା କେତେ ମିଳିବ, କେତେ ଦେଲେ ପ୍ରତିଫଳ କେତେ ମିଳିବ ଇତ୍ୟାଦି। ଏଭଳି ସମୟରେ ଶ୍ରଦ୍ଧା ଅଜାଣତରେ ଏକ ସଉଦା (କିଣାବିକା)ରେ ରୂପାନ୍ତରିତ ହୋଇ ଯାଇଥାଏ। ବଜାରର ସବୁଠାରୁ ପୁରୁଣା ସିଦ୍ଧାନ୍ତ – "ନିବେଶ ଏବଂ ପ୍ରତିଫଳ" ଧିରେ ଧିରେ ଧର୍ମ ଉପରେ ନିଜର ଅଧିକାର ସାବ୍ୟସ୍ତ କରିବାରେ ଲାଗିପଡେ। ଏହି ମନୋବୃତ୍ତି ଯୋଗୁଁ ଛଦ୍ମ ଆଧ୍ୟାତ୍ମିକ ସାମ୍ରାଜ୍ୟ ବଢ଼ିଚାଲେ ଯାହାର ଜଡ଼ ବୈରାଗ୍ୟରେ ନୁହେଁ ମହତ୍ୱାକାଂକ୍ଷୀ ସ୍ୱାର୍ଥ ଉପରେ ଗଢ଼ି ଉଠିଥାଏ।

ଶାସ୍ତ୍ର ପୁରାଣ ଓ ଇତିହାସ ଅନୁସାରେ ସଂସାରତ୍ୟାଗ କରିଥିବା ବ୍ୟକ୍ତିଙ୍କୁ ସାଧୁ କୁହାଯାଏ। କିନ୍ତୁ ଏବେ ଅନେକ ସାଧୁଙ୍କ ବେଶ ଧାରଣକାରୀଙ୍କୁ ଦେଖିବାକୁ ମିଳୁଛି। ଗେରୁଆ ବସ୍ତ୍ର ତ୍ୟାଗର ନୁହେଁ ପ୍ରଭାବର ପୋଷାକ (ପରିଧାନ) ପାଲଟିଯାଇଛି ଏବଂ ବାଣୀ (କଥା ବା ବକ୍ତବ୍ୟ)ରେ ବିରକ୍ତି ଭାବ ଅଧିକ ଏବଂ ଜୀବନରେ ବୈଭବ ଚିନ୍ତା କିନ୍ତୁ ମୁହଁରେ ଅଧ୍ୟାତ୍ମର କଥା ଥାଏ ଓ ମନ ଭିତରେ ବିସ୍ତାରର ଯୋଜନା ରହିଥାଏ। ଭୟ, ରୋଗ, ଅସଫଳତା ଏବଂ ଭବିଷ୍ୟତର ଚିନ୍ତା ହେଉଛି ମନୁଷ୍ୟର ଦୁର୍ବଳତା ଓ ଏହି ଦୁର୍ବଳତାକୁ ପୁଞ୍ଜି କରି ଆଧ୍ୟାତ୍ମିକତାର ଏକ ସମାନାନ୍ତର ବ୍ୟବସାୟ ଠିଆ ହୋଇଥାଏ। ବିଡ଼ମ୍ବନା ହେଉଛି ମନୁଷ୍ୟ ଭିତରେ ଯେତିକି ଶୂନ୍ୟସ୍ଥାନ ବଢ଼େ ବଜାର ବା ବ୍ୟବସାୟର ଚମକର ଆବଶ୍ୟକତା ସେତିକି ବଢ଼ିବାରେ ଲାଗେ। ଏକଦା ମନ୍ଦିର ଏମିତି ଏକ ସ୍ଥାନଥିଲା ଯେଉଁଠି ଭେଦ-ଭାବ ନଥିଲା, ସେଠି ନା ପଦ ପଦବୀର ଅର୍ଥଥିଲା ନା ଧନର, ନା ଜାତି ସାମର୍ଥ୍ୟର କିଛି ମୂଲ୍ୟ ଥିଲା। ଯେତେବେଳେ ମନୁଷ୍ୟ ଇଶ୍ୱରଙ୍କୁ ଇଚ୍ଛା ପୂରଣର ମାଧ୍ୟମ ବୋଲି ମାନି ନେଉ। ସେତେବେଳେ ଧର୍ମର ବଜାରୀ କରଣ ଆରମ୍ଭ ହୋଇଗଲା। ଯେଉଁ ଦିନ ମଣିଷ ସମଭାବର ମୂଳ ଧାରଣାକୁ ବିରୋଧ କରି ଇଶ୍ୱରଙ୍କ ପାଖକୁଯାଏ ସେତେବେଳ ଏକ ଏକି ବ୍ୟବସ୍ଥାରେ ପରିଣତ ହୋଇଯାଏ। ସଂସାରର ଅସମାନତା (ଜଞ୍ଜାଳ) ମଧ୍ୟରେ ଥକି ପଡିଥିବା ମନୁଷ୍ୟଯଦି ମନ୍ଦିରରେ ସମାନତାରେ ଅନୁଭବ କରିନପାରେ ତେବେ ସମାନତାକୁ ଆଉ କେଉଁଠି ଖୋଜିପାରିବ ?

ଯଦି କେବେ ଦାନ ପାତ୍ରରେ ଦାନ ପକାଇବା କଥା ସମାପ୍ତ ହୋଇଯାଏ, ଭି.ଆଇ.ପି ଦର୍ଶନର ବ୍ୟବସ୍ଥା ବନ୍ଦ ହୋଇଯାଏ ଏବଂ ଅଧ୍ୟାତ୍ମ ନାମରେ ଠିଆ ହୋଇଥିବା ସବୁ ବ୍ୟବସାୟିକ ଢ଼ାଞ୍ଚା ଭାଙ୍ଗିଯାଏ ସେତେବେଳେ ଆସ୍ଥା ଭିତରେ ପ୍ରତିଷ୍ଠିତ ବ୍ୟକ୍ତି ଅଧିକ ବିଚଳିତ ହେବ ନାହିଁ। ଯାହାର ପ୍ରାର୍ଥନା କୌଣସି ମଧ୍ୟସ୍ଥର ଆବଶ୍ୟକତା କରେ ନାହିଁ ସେ ବି ବିଚଳିତ ହେବ ନାହିଁ। ଇଶ୍ୱର କୌଣସି ପ୍ରମାଣପତ୍ର, କୌଣସି ଟିକେଟ ବା କୌଣସି ବିଶେଷ ମାର୍ଗରେ ଉପଲବ୍ଧ ହୋଇନଥାନ୍ତି। ଯାହାର ସ୍ଥିତି ଶ୍ରଦ୍ଧାର ବ୍ୟବସାୟ ଉପରେ ତିଷ୍ଠି ରହିଛି ସେମାନଙ୍କ ପାଇଁ ଦାନର ଗୁରୁତ୍ୱ ଅଧିକ ରହିଛି। ଆସ୍ଥା ଓ ବିଶ୍ୱାସକୁ ନେଇ ବ୍ୟବସାୟ କରୁଥିବା ଲୋକଙ୍କ ଆଧାର ଇଶ୍ୱର ନୁହଁନ୍ତି। ମନୁଷ୍ୟର ଇଶ୍ୱରଙ୍କ ପ୍ରତି ଭକ୍ତି କମିବାରେ ଲାଗିଛି କିନ୍ତୁ ଭୟ କାରଣରୁ ଅନ୍ଧବିଶ୍ୱାସ ବଢ଼ିବାରେ ଲାଗିଛି।

ବାସ୍ତବିକ୍ ପ୍ରଶ୍ନ ମନ୍ଦିରର ନୁହେଁ ମନୁଷ୍ୟର ଚେତନାର ପ୍ରଶ୍ନ ଅଟେ। ଯେବେ ମନୁଷ୍ୟ ଇଶ୍ୱରଙ୍କୁ ମନକାମନା ପୁରଣର ମାଧ୍ୟମ ବୋଲି ମାନିନିଏ ସେବେଠାରୁ ଧର୍ମର ବ୍ୟବସାୟୀ କାରଣ ଆରମ୍ଭ ହୋଇଯାଏ। କିନ୍ତୁ ଯେଉଁଦିନ ମନୁଷ୍ୟ ଇଶ୍ୱରଙ୍କୁ ନିଜର ଅନ୍ତଃ କରଣର ଆଲୋକ ଭାବେ ଅନୁଭବ କରେ ସେତେବେଳେ ସମସ୍ତ ବ୍ୟାପାର ସ୍ୱତଃ ସମାପ୍ତ ହୋଇଯାଇଥାଏ। ଶ୍ରଦ୍ଧାର କୌଣସି ମୂଲ୍ୟ ନାହିଁ, ଶ୍ରଦ୍ଧା ମୌନ ଏବଂ ଏହି ମୌନ ବଜାର ବା ବ୍ୟବସାୟର ଉର୍ଦ୍ଧ୍ୱରେ ଧର୍ମର ବଡ଼ ପ୍ରାମାଣିକ ସ୍ତରଅଟେ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଆଜାନୁବାହୁ ଶ୍ରୀଜଗନ୍ନାଥ ହିଁ ଶ୍ରୀଅଲାରନାଥ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ■**

ଅଣସରରେ କମ୍ପୁଛନ୍ତି ଶ୍ରୀଜୀଉ। ବିଭିନ୍ନ ଉପଚାର ଚାଲିଛି। ପରେ ନବଯୌବନ ବେଶ ହୋଇ ପତିତପାବନ ଯାତ୍ରା ଅନୁଷ୍ଠିତ ହେବ। ବ୍ରହ୍ମଗିରିର ଅଲାରନାଥ ପାଲଟିଛି ଦ୍ୱିତୀୟ ଶ୍ରୀକ୍ଷେତ୍ର। 'କପିଳ ସିଂହତା'ର ତଥ୍ୟ ଅନୁଯାୟୀ ଏହି ଗ୍ରନ୍ଥର ବୟାଳିଶ ଅଧ୍ୟାୟ ବିଶିଷ୍ଟ ତତ୍ତ୍ୱରେ ୨୭ଟି ଅଧ୍ୟାୟରେ ଶ୍ରୀନୀଳମାଧବଙ୍କ ମହାତ୍ମ୍ୟ ସ୍ଥାନ ପାଇଛି। ଏଥିରେ ଦେବର୍ଷି ନାରଦ ଶ୍ରୀ ମହାଦେବଙ୍କ ଏକ ପୁରୁଣା କଥାକୁ ଭକ୍ତିପୂର୍ଣ୍ଣ ଭାବେ ବର୍ଣ୍ଣନା କରି କହିଛନ୍ତି ଭଗବାନ ଶ୍ରୀମାଧ୍ୱ ଅନ୍ତର୍ଦ୍ଧାନ ହୋଇ ନୀଳାଚଳ ବା ନୀଳଶୈଳ କ୍ଷେତ୍ରରୁ ପଶ୍ଚିମପଟ ଦିଗକୁ ଚାରି କୋଷ ଦୂରରେ ଏକ ପ୍ରକାର ଗୋପନୀ ହୋଇଯାଇଥିଲେ। ଶ୍ରୀ ମାଧବ ଏଠାରେ ଗୋପନୀୟ ଭାବେ 'ଅଲାଭ୍ୟ' ନାମକ ଜଣେ ନୈଷ୍ଠିକ ବ୍ରାହ୍ମଣ ଘରେ ନିତ୍ୟ ଆରାଧ୍ୟ ଭାବେ ପୂଜିତ ହେଉଥିଲେ। ସ୍ୱୟଂ ସେହି ମାଧବ ଥିଲେ ଚର୍ତୁଭୂଜ। ତାଙ୍କର ଚାରୋଟି ହାତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଅପୂର୍ବଭାବେ ଶୋଭା ପାଉଥିଲା। ସବୁଠାରୁ କୌତୁହଳପୂର୍ଣ୍ଣ କଥାଟି ହେଉଛି ସେହି ଆରାଧ୍ୟ ମାଧବ କ୍ଷୀରି ଖାଇବାକ ଭଲ ପାଆନ୍ତି।

ବ୍ରାହ୍ମଣ ଅଲାଭ୍ୟ ନିଜ କାମଦାମ ଛାଡ଼ି ଏକାକାର ଭାବେ ଠାକୁରଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ଥରେ ତାଙ୍କୁ ଜ୍ୱର ହୋଇଥିବାରୁ ପୂଜା ବାଧା ହେବା ନିମିତ୍ତ ପାଞ୍ଚବର୍ଷର ପୁଅକୁ ପଠାଇଥିଲେ ଶ୍ରୀମାଧବଙ୍କୁ କ୍ଷୀରି ଖୋଇବା ପାଇଁ। ଶ୍ରୀମାଧବ କୁନି ପିଲାଟିର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ନିଜ ରୂପ ପ୍ରକାଶ କରି କ୍ଷୀରି ଗ୍ରହଣ କରିଥିଲେ। ଘରକୁ ଫେରି ଅଲାଭ୍ୟ ଓ ତାଙ୍କ ସହଧର୍ମିଣୀ ଠାକୁରଙ୍କ ଅର୍ପିତ ଭୋଗ ମାଗିବାରୁ ସେ ସବୁ କ୍ଷୀରିକୁ ମାଧବଙ୍କୁ ଖୋଇ ଦେଇଛନ୍ତି ବୋଲି କହିଲେ। ସଙ୍କଟରେ ପଡ଼ି ଦ୍ୱିଧା ଗ୍ରସ୍ତ ମନ ନେଇ ଦେଖିଲା ବେଳକୁ ସେ ପ୍ରସ୍ତୁତ କରିଥିବା ବଡ଼ ହାଣ୍ଡିରେ ମଧ୍ୟ ଟିକିଏ ବୁନ୍ଦା କ୍ଷୀରି ନାହିଁ। ପରଦିନ ପୁନର୍ବାର ପୁଅ ହାତରେ କ୍ଷୀରି ପଠାଇ ପରୀକ୍ଷାମୂଳକ ଭାବନେଇ କବାଟ କଡ଼ରେ ଲୁଚି ଦେଖିଲେ ଯେ ସ୍ୱୟଂ ଶ୍ରୀମାଧବ ପ୍ରକଟିତ ହୋଇ କ୍ଷୀରି ଗ୍ରହଣ କରୁଛନ୍ତି।

ନୀଳ କନ୍ଦରରେ ବ୍ରହ୍ମାଦି ଦେବଗଣ ତାଙ୍କୁ ପୂଜା କରୁଥିବା ସମ୍ବନ୍ଧରେ ପୁରାଣରେ ଉଲ୍ଲେଖ ଅଛି। ଅଲାଭ୍ୟଙ୍କ ପ୍ରାର୍ଥନା ଶୁଣି ଶ୍ରୀମାଧବ କହିଲେ ଯେ ନୀଳାଚଳ ରତ୍ନଗିରି ଛାଡ଼ି ତୁମ ପାଖକୁ ଆସିଥିବା ଖବରକୁ ଗୋପ୍ୟ ରଖିବ। ପରବର୍ତ୍ତୀ ସମୟରେ ଦାରୁ ରୂପ ଧାରଣ କରି ନୀଳ ପର୍ବତରେ ବିଜେ କରିବି। 'କପିଳା ସିଂହିତା'ରେ ଉଲ୍ଲେଖ ହୋଇଥିବା ତଥ୍ୟ ଅନୁଯାୟୀ ମହାପ୍ରଭୁଙ୍କ ଆର୍ବିଭାବ ପୂର୍ବରୁ ଶ୍ରୀମାଧବ ଶ୍ରୀମନ୍ଦିରର ପଶ୍ଚିମରେ ଥିବା ବ୍ରହ୍ମଗିରିରେ ରହିଛନ୍ତି। ଅଲାଭ୍ୟ ନାମକ ବ୍ରାହ୍ମଣଙ୍କ ଗୃହରେ ଗୋପ୍ୟରେ ପୂଜିତ ହେଉଥିବାରୁ ପରେ ତାଙ୍କୁ 'ଅଲାଭ୍ୟଙ୍କ ନାଥ' ବା 'ଅଲାରନାଥ' ଭାବେ ସମସ୍ତେ ଜାଣିଲେ। ଅନ୍ୟ କେତେକର ତଥ୍ୟ ଅନୁଯାୟୀ ଦାକ୍ଷିଣାତ୍ୟର ଆଲୁଆର ତାଙ୍କୁ ପ୍ରତିଷ୍ଠା କରିଥିଲେ। ଏବଂ ସେ ହିଁ ତାଙ୍କର ପ୍ରତିଷ୍ଠାତା। ତେବେ ଏ ସମ୍ପର୍କରେ ଉପଲବ୍ଧ ତଥ୍ୟ ଅନୁଯାୟୀ ପ୍ରାଚୀନ କାଳରେ ଯେହେତୁ ପୁରୀରୁ ଦକ୍ଷିଣ ଭାରତକୁ ଯିବା ଆସିବା ରାସ୍ତା ବ୍ରହ୍ମଗିରି ଓ ଚିଲିକା ଦେଇଥିଲା ତେଣୁ ଶ୍ରୀରାମନାମାନୁଜଚାର୍ଯ୍ୟ ହୁଅନ୍ତୁ ବା ଭକ୍ତ ଶ୍ରୀଚୈତନ୍ୟ କିମ୍ବା ଆଲୁଆରମାନେ ସେହି ମାର୍ଗ ଦେଇ ସେମାନଙ୍କର ଯିବା ଆସିବା ହେଉଥିଲା।

ଶ୍ରୀଚୈତନ୍ୟ ପୁରୀରୁ ଦାକ୍ଷିଣାତ୍ୟ ଯିବା ସମୟରେ ସେହି ବାଟ ଦେଇ ଅଲାର ନାଥଙ୍କୁ ଦର୍ଶନ କରିବାର କୃପା ପାଇଥିଲେ। ପୁନର୍ବାର ଫେରିବା ବେଳକୁ ତାଙ୍କୁ ଦର୍ଶନକରି ଶ୍ରୀକ୍ଷେତ୍ର ମୁହାଁ ହୋଇଥିଲେ। ଆଲୁଆର ସମ୍ପ୍ରଦାୟ ମାନେ ଶ୍ରୀଅଲାର ନାଥଙ୍କୁ ଆଜାନୁବାହୁ, ଶ୍ରୀଅଲାରନାଥଙ୍କୁ ଶ୍ରୀଜଗନ୍ନାଥଙ୍କ ପୂର୍ବବର୍ତ୍ତୀ ଆଦିନାଥ ଭାବେ ଗ୍ରହଣ କରିଥାନ୍ତି। ଏହି ଦୃଷ୍ଟିରୁ ଦେଖିଲେ 'କପିଳ ସଂହିତା' ଅନୁଯାୟୀ ଶ୍ରୀ ଅଲାରନାଥ ହେଉଛନ୍ତି ଆଦିନାଥ, ଇନ୍ଦ୍ରନୀଳମଣି ଶ୍ରୀମାଧବ ଓ ସେ ହିଁ 'ଆଜାନୁବାହୁ ଶ୍ରୀଜଗନ୍ନାଥ'। ଦୁଇ ବାହୁଟେକି ଆମ ମାନଙ୍କୁ କୋଳେଇ ମୁକ୍ତିର ରାସ୍ତା ଦେଖାଇ ସବୁଦିନ ପାଇଁ ଆମ ମାନଙ୍କ ପାଇଁ ସେ ବଡ଼ ଆକର୍ଷଣ। ଅଣସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ନପାଇ ଆଜାନୁବାହୁ ଶ୍ରୀ ଅଲରାନାଥଙ୍କୁ ଦର୍ଶନ କରିବା ଦ୍ୱାରା ମଣିଷ ଜନ୍ମ ଧନ୍ୟ ହୋଇଥାଏ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଦେବତାଙ୍କ ପ୍ରତିନିଧି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆମେ ଜାଣୁଛେ, ଆମ ଦେଖୁଛେ, କର୍ମକାଣ୍ଡରେ ପୁରୋହିତମାନେ ଏକ ସୁଦୃଶ ଗୋଟା ଗୁଆକୁ ପୂଜାରେ ପିତୃଶ୍ରାଦ୍ଧରେ ବା ଦେବପୂଜାରେ ପୁରୋହିତଙ୍କୁ କାର୍ଯ୍ୟ ସମ୍ପାଦନ ପାଇଁ ବରଣରେ ମାଧ୍ୟମ କରିଥାନ୍ତି। ପୂଜା ଆସ୍ଥାନରେ ଆହୁତ ଦେବ, ଗ୍ରହ, ମାତୃକାଗଣ, ବାସ୍ତୁ, ଦିଗପାଳଙ୍କ ପ୍ରତିନିଧି ରୂପେ ଏକ ଏକ ଗୁଆ ସ୍ଥାପନ କରୁଛନ୍ତି, ବନ୍ଧୁ ନିମନ୍ତ୍ରଣରେ ସୁପାରୀ ଚାଲାଣ ରହିଛି, ପୂଜାପର୍ବରେ ମୁଖ୍ୟ ଦ୍ୱାର ବା ଫାଟକରେ ପୂର୍ଣ୍ଣକୁମ୍ଭ ଦ୍ୱାରପାଳ ପ୍ରତିନିଧି ଆକାରରେ ବସୁଛି, ନିର୍ବନ୍ଧ ସ୍ୱୀକାର କାର୍ଯ୍ୟରେ ଦୁଇ ପକ୍ଷ ଏହା ପ୍ରସାନ (ଜଗନ୍ନାଥଙ୍କ ନିର୍ମାଲ୍ୟ) କୁ ଛୁଇଁ ହାତରେ ଧରି ଏକ ଦେବ ରାଣ ଶପଥ ଉଚ୍ଚ ସ୍ୱରରେ କରିବା ଦେଖାଯାଏ। ନିର୍ମାଲ୍ୟ ହିଁ ଅନ୍ନ ବ୍ରହ୍ମ ସେ ତତ୍କାଳ ତତ୍କାଳୀନ ଘଟଣାର ଦେବ ପ୍ରତିନିଧି ସାକ୍ଷୀ। ସତ୍ୟମ ମଧ୍ୟ ନାଦ, ସତ୍ୟମ-ଶିବମ-ସୁନ୍ଦରମ, ଯେ ନାଦ ବ୍ରହ୍ମଙ୍କ ଅଭିନ୍ନ ଅଂଶ ତାର ଆଦ୍ୟାଂଶ ବହୁଜନ ଶ୍ରାବଣ ଉଦ୍ଦେଶ୍ୟରେ ହଳପ କରି ଉଚ୍ଚାରଣ କରନ୍ତି। ଦେବାଦେବୀ ପୂଜାରେ କଳସ ବୁଡ଼ାଜଳ ତୋଳା ଏକ ନଦୀ ବା ପୁଷ୍କରିଣୀରେ କରାଯାଏ। ଏଠାରେ ଗଙ୍ଗାଦି ସରିତା ମାତାଙ୍କର ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଓକିଲ, ଅଦାଲତରେ ଜବାବ ସୱାଲ କରନ୍ତି।

ରାଜନେତା ଦେଶର ଘଟଣା ବଳିରେ ଲୋକ ସମସ୍ୟା ଦର୍ଶାଇ ଜନମତ ନିର୍ବାଚନରେ ଲଢ଼ିଜିତି ଲୋକ ପ୍ରତିନିଧି ହେଉଛନ୍ତି। ମନ୍ତ୍ରୀମାନେ କଣ ଯୋଜନା ହୋଇଜନତାଙ୍କ ଉପକାରରେ ଲାଗି ଉନ୍ନତି ହେବ ତାହା ଦର୍ଶାଇ ଦେଶ ବା ରାଜ୍ୟ ଉନ୍ନତି ମାର୍ଗୀ ପ୍ରତିନିଧି। ପ୍ରତି ସ୍ଥାନର ପୁଲିସ ପ୍ରଶାସନ ଲୋକଙ୍କୁ ଆତଙ୍କ ଭୟ, ତ୍ରାସର ତ୍ରାଣକାରୀ ସରକାରୀ ପ୍ରତିନିଧି, ଆଇନ ଅଦାଲତ ବିଚାର ବିଭାଗ ଏସବୁ ଲୋକଙ୍କୁ ସାମ୍ବିଧାନିକ ସଙ୍କଟ, ମୌଳିକ ଅଧିକାରରେ ଅଭୟ ଦେବା ପ୍ରତିନିଧି। ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ହାତଧାରିବା ଦିନରୁ ରକ୍ଷା କବଚ ଏ ସମାଜ ମାନ୍ୟତା, ସ୍ତ୍ରୀର ସ୍ୱାମୀର ଧର୍ମପତ୍ନୀ, ହେଲେ ସ୍ୱାମୀ ବିପଥଗାମୀରେ ରୋକ ଲଗାଇ ତାଙ୍କୁ ପୁନଃ ମୂଳ ସ୍ରୋତକୁ ଆଣିବା ଦାୟିତ୍ୱ ପ୍ରତ୍ୟେକ ବିବାହିତା ପତ୍ନୀଙ୍କ ରହିଛି, କ୍ଷମା ଦମ୍ପତିଙ୍କ ଧ୍ୟେୟ। ଏମାନେ ପ୍ରଜାପତି ବ୍ରହ୍ମାଙ୍କ ମର୍ତ୍ତ୍ୟଲୋକ ପ୍ରତିନିଧି। ଗୁରୁମାନେ ଦୈବଗୁରୁଙ୍କ ପ୍ରତିନିଧି, ଶିଷ୍ୟ ଛାତ୍ର ମାନଙ୍କୁ ସାମାଜିକ, ବିଦ୍ୱାନ, ଉପାର୍ଜନ କ୍ଷେମ ଓ ସତକର୍ମ କରି ଦେଶ ଓ ଦଶଙ୍କର ଉପକାର କରିବା ସୁନାମ ରଖିବା ପାଇଁ ଚେଷ୍ଟା କରିବା ତାଙ୍କ ଦାୟିତ୍ୱ। ସାମ୍ବାଦିକତା ହେଉଛି ଦେବର୍ଷି ନାରଦଙ୍କ ପ୍ରତିନିଧି କାର୍ଯ୍ୟ, ଟିଭି ସମ୍ବାଦ ପାଠକ ବା କଥକ, ଲୋକଙ୍କୁ ଧୃତରାଷ୍ଟ୍ର (ରାଷ୍ଟ୍ରକୁ ଯେ ଧରି ରଖିଛନ୍ତି) ସର୍ବତ୍ର ଦ୍ୱିଦଳ ଶାସନରେ ଥିବା ଦଳ ଓ ବିରୋଧୀ ଦଳ ବା ମାଲିକ ନୌକର ବା ଧନୀ ଦରିଦ୍ର ବା କୋଣ ଅନୁକୋଣ ଖବର ଯେ କହୁଛନ୍ତି ସେ ସଞ୍ଜୟଙ୍କ ପ୍ରତିନିଧି, ଏହି ଦୁଇ ପ୍ରତିନିଧି ଦେଶ କଣ ସାରା ପୃଥିବୀରେ ଚାହିଁଲେ ଶାନ୍ତି ସତ୍ୟ ରଖି ପାରିବେ। କୁବେର ପ୍ରତିନିଧି ବ୍ୟାଙ୍କ ମାନେ ଠିକ ଅର୍ଥନୀତିର ପରିଚାଳନାରେ ଲୋକେ ପରିଶ୍ରମକରି ସୁଖରେ ରହିପାରନ୍ତି। ପ୍ରାକୃତିକ ଦୁର୍ବିପାକରେ ବ୍ୟାଙ୍କ ମାନେ ଉଦାର, ନୀତି ଧରିଲେ ପୁନଃ ସଂସାର ନୂଆ ହୋଇ ଠିଆ ହୋଇ ପାରିବ। ଅନ୍ନପୂର୍ଣ୍ଣା ଶକ୍ତି ସବୁ ଘରର ମା-ଭଉଣୀମାନେ, ସେମାନେ ମିତବ୍ୟୟୀ ହୋଇ ପରିବାରକୁ ସ୍ୱ ସ୍ୱାମୀ ପୁତ୍ର ଭାଇଙ୍କୁ ସତପଥରେ ରହି ରୋଜଗାର କରିବାକୁ ପ୍ରବର୍ତ୍ତାଇଲେ ଓ ଅତିଥି ଅଭ୍ୟାଗତଙ୍କୁ ଯଥାଶକ୍ତି ସେବା କଲେ ଗୃହ ଅନ୍ନପୂର୍ଣ୍ଣା ଆଳୟ ହୋଇଯିବ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ୮୯୮ ବର୍ଷ ଧରି ପୂଜା ପାଉଛନ୍ତି ମହାପ୍ରଭୁ

**କବୀର କୁମାର ଜେନା**

ନଅଶହ ବର୍ଷ, କମ ବଡ଼ କଥା ନୁହେଁ, ଇତିହାସର ଗଣନାରେ ଏକ ହଜାର ବର୍ଷ କିଛି କମ ବଡ଼ ସମୟର ଅନେକ କଥାକୁ ସ୍ମୃତି ହୋଇ ସାକ୍ଷୀ ହୋଇପାରେ। ତେବେ ଲୀଳାମୟଙ୍କ ଏପରି ଏକ ଲୀଳା କ୍ଷେତ୍ରର ଅପୂର୍ବ ଗୁରୁତ୍ୱପୂର୍ଣ୍ଣ ଓ ଅଲୌକିକ ଲୀଳା ସମ୍ପନ୍ନ କ୍ଷେତ୍ର ରହିଛି ଯାହାର ସ୍ମୃତି ନଅଶହ ବର୍ଷ ଠାରୁ ମାତ୍ର ଦୁଇ ବର୍ଷ କମ୍ । ଲୀଳାମୟଙ୍କ ଅନେକ ଲୀଳା ରଚନା କରିଥାନ୍ତି ଭକ୍ତଜନଙ୍କୁ କୃପା ଦେବା ପାଇଁ । ୧୧୪୮ ମସିହାର କଥା। ଶ୍ରୀଜଗନ୍ନାଥଙ୍କ ଗବେଶକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ରଙ୍କ ତଥ୍ୟ ଅନୁଯାୟୀ ମହାପ୍ରଭୁ ଶାସଙ୍କ ଗ୍ରାମରେ ପୂଜା ପାଉଥିଲେ। ବାଲେଶ୍ୱର ସହର ଠାରୁ ପାଖାପାଖି ଚାରି କୋଷ ଦୂରରେ ଇଟାରେ ତିଆରି ହୋଇଥିବା ମନ୍ଦିରରେ ସ୍ଥାନୀୟ ଜମିଦାରଙ୍କ ପୃଷ୍ଟପୋଷକତାରେ ଶ୍ରୀଜୀଉଙ୍କ ପୂଜା ରୀତିନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ନୀତି ପରିଚାଳନା ଓ ବଜାୟ ରଖିବା ପାଇଁ ମନ୍ଦିରର ଦୁଇପଟେ ଦୁଇଟି ବ୍ରାହ୍ମଣ ଶାସନ ଦାନ କରିଥିଲେ। ଯେଉଁଠାରେ ମହାପ୍ରଭୁଙ୍କ ନୀତିକାନ୍ତି ପାଇଁ ଖଞ୍ଜା ହୋଇଥିବା ପୂଜକମାନେ ବସବାସ କରୁଥିଲେ। ଏହି ଦୁଇଟି ଶାସନର ନା ଥିଲା ବଳଭଦ୍ରପୁର ଶାସନ ଓ ଜଗନ୍ନାଥପୁର ଶାସନ।

ଚାରି ଏକର ପରିମିତ ଜମିରେ ମନ୍ଦିର ହେବା ସହିତ ଚନ୍ଦନ ପୋଖରୀଟିଏ ଖୋଳାଇ ଥିଲେ। ମନ୍ଦିର ପରିଚାଳନା ପାଇଁ ସେହି ମସିହାରେ ୬ ମାଣ, ୧୧୬୦ମସିହାରେ ୩୦ ମାଣ ଜମି ଖଞ୍ଜି ଦେଇଥିବା ଦସ୍ତାବିଜରୁ ଜଣାଯାଏ। ପ୍ରଥମ ମନ୍ଦିରଟି ମାଟିରେ ମିଶିଯିବା ପରେ ଦ୍ୱିତୀୟ ମନ୍ଦିର ସେଠାରେ ତୋଳା ଯାଇଥିଲା। ଭଗ୍ନ ମନ୍ଦିରର ଅବଶେଷ କେବଳ ବଞ୍ଚି ରହିଛି। ସେଠାରୁ ୬୦୦ ମିଟର ଦୂରରେ ୧୦୦ ବର୍ଷ ପୂର୍ବେ ତିଆରି ହୋଇଥିବା ମନ୍ଦିରରେ ମହାପ୍ରଭୁ ବିଜେ କରିଥିଲେ। ଅନୁସନ୍ଧାନରୁ ଜଣାଯାଏ ଉକ୍ତ ମନ୍ଦିର ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟରେ ଭାଙ୍ଗି ପଡ଼ିଥିଲା। ୨୦୧୧ ମସିହାରେ ଚତୁର୍ଥ ମନ୍ଦିର ନୂତନ ଭାବରେ ନିର୍ମିତ ହୋଇଅଛି।

ସର୍ବପ୍ରଥମେ ଶ୍ରୀଜୀଉଙ୍କ ପାଇଁ ନୂଆ ଭାବରେ ଗଢ଼ା ହୋଇଥିବା ଏହି ମନ୍ଦିରରେ ତିନି ବିଗ୍ରହଙ୍କ ନିତ୍ୟ ପୂଜା ହେଉଥିଲା। ସାଙ୍ଗରେ ଶ୍ରୀଦେବୀ, ଭୂଦେବୀ, ଶ୍ରୀଶାଳଗ୍ରମ ଓ ପରବର୍ତ୍ତୀ ସମୟରେ ଅର୍ଥାତ୍ ନୂଆ ମନ୍ଦିର ଗଢ଼ା ହେବା ପରେ ଭଗବାନ ସୁଦର୍ଶନଙ୍କ ବିଜେ ହୋଇଛି। ତେବେ ଐତିହାସିକ ତଥ୍ୟ ଅନୁଯାୟୀ ମୋଗଲ ଶାସନ ସମୟରେ ଏହି ମନ୍ଦିର ଉପରେ ବହୁ ବିପଦ ପଡ଼ିଥିଲା। ଯବନ କଳାପାହାଡ଼ ଭୟାନକ ଆକ୍ରମଣବେଳେ ସ୍ଥାନୀୟ ଗ୍ରାମବାସୀ ତିନିମୂର୍ତ୍ତିଙ୍କୁ ମାଟି ତଳେ କିଛି ଦିନ ପାଇଁ ପାତାଳୀ କରିଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି ଏବଂ ନିୟମିତ ଭାବେ ରଥଯାତ୍ରା ମଧ୍ୟ ଅନୁଷ୍ଠିତ ହେଉଛି। ଏହି ରଥଯାତ୍ରାରେ ସାମିଲ ହେବାପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଏହି ଶାସଙ୍ଗ ଗ୍ରାମକୁ ଆସିଥାନ୍ତି।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭, E-mail : kabirkjena@gmail.com



# ଡିଏମକେକୁ ଭର୍ତ୍ସନା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** କରୁର ଦଳାଚକଟା ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଛି । କୋର୍ଟ ଆବେଦନକାରୀ ଦ୍ରାବିଡ଼ ମୁନେତ୍ର କାଝଗମ(ଡିଏମକେ) ଭର୍ତ୍ସନା କରି କହିଛନ୍ତି, ଆପଣ କ'ଣ ଚାହୁଁଛନ୍ତି ଯେ, ସୁପ୍ରିମକୋର୍ଟ ମୁଖ୍ୟମନ୍ତ୍ରୀ କ'ଣ କରିବା ଉଚିତ ସେ ନେଇ ନିର୍ଦ୍ଦେଶ ଦେବେ? ଡିଏମକେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରି ମୁଖ୍ୟମନ୍ତ୍ରୀ ବିଜୟ ଏବଂ ମନ୍ତ୍ରୀମାନଙ୍କ ବୟାନବାଜି ବନ୍ଦ କରିବାକୁ ଦାବି କରିଥିଲା ।





ନିଜକୁ ଏକ ପକ୍ଷ କରିବାକୁ ମଧ୍ୟ ଡିଏମକେ ଦାବି କରିଥିଲା । ସୁପ୍ରିମକୋର୍ଟ କହିଛନ୍ତି ଯେ, ଡିଏମକେ ନ୍ୟାୟିକ ମଞ୍ଚକୁ ରାଜନୀତି ପାଇଁ ବ୍ୟବହାର କରିବାକୁ ଚେଷ୍ଟା କରୁଛି । ଆପଣ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଏବଂ ଗସ୍ତକୁ ନିୟନ୍ତ୍ରଣ କରିବାକୁ କହୁଛନ୍ତି । ମୁଖ୍ୟମନ୍ତ୍ରୀ ବିଜୟ ଏହି ମାମଲାରେ ଅଭିଯୁକ୍ତ ନୁହଁନ୍ତି । ଆପଣ ନିଜେ ବକ୍ତବ୍ୟ ଦେଉଥିବା ବେଳେ କିପରି ଅନ୍ୟର ବାକ୍ ସ୍ୱାଧୀନତାକୁ ଦମନ କରିବାକୁ ଚାହୁଁଛନ୍ତି? ସୁପ୍ରିମକୋର୍ଟ କହିଛନ୍ତି, ଦଳାଚକଟା ପୀଡିତଙ୍କୁ ଭେଟିବା ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ଭାବରେ କିପରି ବିବେଚନା କରାଯାଇପାରିବ । ଭର୍ତ୍ସନା କରି ସୁପ୍ରିମକୋର୍ଟ ଡିଏମକେକୁ ବିଜୟ ସରକାରଙ୍କ ମନ୍ତ୍ରୀମାନେ କରୁର ଦଳାଚକଟା ମାମଲାରେ ସାକ୍ଷୀମାନଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗ ଆଧାରରେ ହୋଇଥିବା ଆବେଦନ ପ୍ରତ୍ୟାହାର କରିବାକୁ କହିଛନ୍ତି । ଯଦି ଏପରି ନ କରାଯାଏ ତେବେ ଆବେଦନକୁ ଖାରଜ କରିବାକୁ ଶୀର୍ଷ କୋର୍ଟ ଚେତାବନୀ ଦେଇଥିଲେ । ଏହା ପରେ ଡିଏମକେ ଆବେଦନ ପ୍ରତ୍ୟାହାର କରି ନେଇଛି । ଡିଏମକେର ଆରଏସ ଭାରତୀ କରୁର ଦଳାଚକଟା ମାମଲାରେ ଦଳକୁ ଏକ ପକ୍ଷ କରିବାକୁ ଆବେଦନ କରିଥିଲେ । ଆବେଦନରେ ସେ ଉଲ୍ଲେଖ କରିଥିଲେ ଯେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ ଉପରେ ଚାଲିଥିବା ସିବିଆଇ ତଦନ୍ତ ନେଇ ସାର୍ବଜନୀନ ବିବୃତ୍ତି ନିଷେଧ କରାଯିବା ଉଚିତ୍ ଏବଂ ସିବିଆଇ ତଦନ୍ତ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ କୌଣସି ସାର୍ବଜନୀନ ମନ୍ତବ୍ୟ ଦେବାରୁ ନିବୃତ୍ତ ରହିବା ଉଚିତ । ଆବେଦନରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ଦ୍ୱାରା ଜୁଲାଇ ୧୦ତାରିଖରେ ମୃତକ ଏବଂ ଆହତଙ୍କ ପରିବାରକୁ ସରକାରୀ ସହାୟତା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାର ଏକ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ପୀଡିତଙ୍କୁ ସରକାରୀ ସହାୟତା ପ୍ରଦାନ କରିବାରେ ଆମର କୌଣସି ଆପତ୍ତି ନାହିଁ, କିନ୍ତୁ ଏହି ପରିବାରଗୁଡ଼ିକ ସିବିଆଇ ତଦନ୍ତରେ ପ୍ରମୁଖ ସାକ୍ଷୀ ମଧ୍ୟ । ଏପରି ଅଭିଯୁକ୍ତ କିମ୍ବା ରାଜନୈତିକ କାର୍ଯ୍ୟନିର୍ବାହୀଙ୍କ ସହ ସିଧାସଳଖ ସମ୍ପର୍କ ତଦନ୍ତକୁ ପ୍ରଭାବିତ କରିପାରେ । ଅକ୍ଟୋବର ୨୦୨୫ରେ ମାମଲା କୋର୍ଟରେ ବିଚାରାଧୀନ ଥିବା ସମୟରେ ବିଜୟ ପୀଡିତଙ୍କୁ ୨୦ ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ତେଣୁ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଧାରିତ ପଦକ୍ଷେପ ଅନୁସରଣ କରି ଏବଂ ସିବିଆଇକୁ ଜଣାଇବା ପରେ ହିଁ ଏହି ସହାୟତା ପ୍ରଦାନ କରାଯିବା ଉଚିତ ।

# ଗାଜାରୁ ହଟିଲା ହମାସ ଶାସନ: ପ୍ରଶାସନିକ କମିଟିକୁ କ୍ଷମତା ହସ୍ତାନ୍ତର

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** ବିଗତ ପ୍ରାୟ ଦୁଇ ଦଶନ୍ଧି ଧରି ଗାଜା ଷ୍ଟ୍ରିପରେ ଶାସନ ଗାଦି ସମ୍ଭାଳିଥିବା ପାଲେଷ୍ଟାଇନର ସଶସ୍ତ୍ର ସଂଗଠନ 'ହାମାସ' ସେଠାରେ ନିଜର ଶାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଭଙ୍ଗ କରିବା ସହ ନିଜର ବେସାମରିକ ପ୍ରଶାସନିକ ଦାୟିତ୍ୱ ଏକ ବୈଷୟିକ (ଟେକ୍ନୋକ୍ରାଟିକ୍) କମିଟିକୁ ହସ୍ତାନ୍ତର କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛି । ଆମେରିକାର ମଧ୍ୟସ୍ଥତାରେ ଗତ ଅକ୍ଟୋବର ମାସରେ ଇସ୍ରାଏଲ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ପରଠାରୁ ହିଁ ହାମାସ ପ୍ରଶାସନିକ ଦାୟିତ୍ୱରୁ ଦୂରେଇ ରହିବାକୁ ବାରମ୍ବାର ସଙ୍କେତ ଦେଇ ଆସୁଥିଲା । ଏହି ଐତିହାସିକ ନିଷ୍ପତ୍ତି ପରେ ଗାଜାରେ ଏକ ନୂତନ ପ୍ରଶାସନିକ ଗଠନ ପାଇଁ ରାସ୍ତା ସଫା ହୋଇଥିଲେ ମଧ୍ୟ, ହାମାସର ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ ପ୍ରସଙ୍ଗ ଏବେ ସୁଦ୍ଧା ଅମୀମାଂସିତ ହୋଇ ରହିଛି । ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ ସରକାରୀ ଜରୁରୀକାଳୀନ କମିଟିର ମୁଖ୍ୟ ମହମ୍ମଦ ଅଲ-ଫାରା ନିଜ ପଦରୁ ଇସ୍ତଫା ଦେବା ସହ ଏହି ସଂଗଠନକୁ ଭଙ୍ଗ କରାଯାଇଥିବା ସ୍ପଷ୍ଟ କରିଛନ୍ତି, ଯାହାଦ୍ୱାରା ନୂତନ ଶାସନ ପ୍ରକ୍ରିୟା ସହଜ ହୋଇପାରିବ । ହାମାସର ଏହି ପଦକ୍ଷେପ ପରେ ଏବେ ଗାଜା ଶାସନ ଦାୟିତ୍ୱ 'ନ୍ୟାସନାଲ କମିଟି ଫର ଦି ଆଡମିନିଷ୍ଟ୍ରେସନ ଅଫ ଗାଜା' (ଏନସିଏଜି) ହାତକୁ ଯିବ, ଯାହା ଆମେରିକା ସମର୍ଥିତ ଯୋଜନା ଅନୁଯାୟୀ ସେଠାକାର ବେସାମରିକ ଶାସନ ବ୍ୟବସ୍ଥାର ତଦାରଖ କରିବ । ହାମାସ ପ୍ରବକ୍ତା ହାଜେମ କାସେମ ଗଣମାଧ୍ୟମକୁ କହିଛନ୍ତି ଯେ, ସେମାନେ ଗାଜା ଉପରେ ଚାଲିଥିବା ଇସ୍ରାଏଲର ଆକ୍ରମଣର ସମସ୍ତ ବାହାନାକୁ ଶେଷ କରିବା ପାଇଁ ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି ଏବଂ ଖୁବଶୀଘ୍ର ନୂତନ ପ୍ରଶାସନିକ କମିଟି ଗାଜାରେ କାର୍ଯ୍ୟଭାର ଗ୍ରହଣ କରିବ । ଅନ୍ୟପଟେ, ଏନସିଏଜିର ମୁଖ୍ୟ ଅଲ୍ଲୀ ଶାଥ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଆବଶ୍ୟକୀୟ ସମ୍ବଳ ମିଳିବା ମାତ୍ରେ ଦାୟିତ୍ୱ ନେବାକୁ କମିଟି ପ୍ରସ୍ତୁତ ଥିବା କହିଛନ୍ତି । ଏହି ଶାସନ ପରିବର୍ତ୍ତନ ଉପରେ ନଜର ରଖିଥିବା ଆମେରିକା ପ୍ରତିଷ୍ଠିତ 'ବୋର୍ଡ ଅଫ ପିସ ଫର ଗାଜା'ର ଉଚ୍ଚ ପ୍ରତିନିଧି ନିକୋଲା । ମ୍ଲାଡେନୋଭ ମଧ୍ୟ ଏହାକୁ ଶାନ୍ତି ପ୍ରକ୍ରିୟା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି । ତେବେ ଇସ୍ରାଏଲର କେତେକ ଆପତ୍ତି ଯୋଗୁଁ ନୂତନ କମିଟି ଗାଜା ଭିତରକୁ ପ୍ରବେଶ କରିବାରେ ସାମାନ୍ୟ ବିଳମ୍ବ ହେଉଥିବା ବେଳେ, ଇସ୍ରାଏଲ ସ୍ପଷ୍ଟ କରିଛି ଯେ ସେ ହାମାସକୁ କୌଣସି ପରିସ୍ଥିତିରେ ଗାଜା ଚଲାଉବାକୁ ଦେବନାହିଁ ଏବଂ ବର୍ତ୍ତମାନ ପାଇଁ ୱେଷ୍ଟ ବ୍ୟାଙ୍କ ଶାସନ କରୁଥିବା ପାଲେଷ୍ଟାଇନ ଅଥରିଟିକୁ ମଧ୍ୟ ଏହି କ୍ଷମତା ହସ୍ତାନ୍ତର କରାଯିବ ନାହିଁ ।

## ବଲୁଚିସ୍ତାନରେ ପୁଲିସ ପୋଷ୍ଟ ଉପରେ ଆତଙ୍କବାଦୀ ଆକ୍ରମଣ
# ଦୁଇ ବରିଷ୍ଠ ଅଧିକାରୀଙ୍କ ସମେତ ୯ ନିହତ

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** ପାକିସ୍ତାନର ଅଶାନ୍ତ ବଲୁଚିସ୍ତାନ ପ୍ରଦେଶରେ ଆଉ ଏକ ଆତଙ୍କବାଦୀ ଘଟଣା ଘଟିଛି । ଅଧିକାରୀମାନେ କହିଛନ୍ତି ଯେ, ମଙ୍ଗଳବାର ଦିନ ବଲୁଚିସ୍ତାନର ଜିଆରତ ଜିଲ୍ଲାର ମାଙ୍ଗି ଫେଜ୍-୩ ଅଞ୍ଚଳରେ ଏକ ପୁଲିସ ପୋଷ୍ଟ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଦୁଇ ବରିଷ୍ଠ ଅଧିକାରୀଙ୍କ ସମେତ ନଅ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ଅନ୍ୟ ପାଞ୍ଚ ଜଣ ପୁଲିସ କର୍ମଚାରୀ ଏବେ ବି ନିଖୋଜ ଅଛନ୍ତି । ନିହତ ପୁଲିସକର୍ମୀଙ୍କ ମୃତଦେହକୁ ଜିଆରତର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲକୁ ନିଆଯାଇଛି । ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି । ଜିଆରତ ଡେପୁଟି କମିସନର(ଡିସି)ଅବଦୁଲ କୁଦୁସ୍ ଆଚକଜାଇ



ଆକ୍ରମଣକୁ ନିଶ୍ଚିତ କରି କହିଛନ୍ତି, ଏହା ଏକ ଆତଙ୍କବାଦୀ ଘଟଣା ଏବଂ ମାଙ୍ଗି ଡ୍ୟାମ୍ ଅଞ୍ଚଳରେ ଘଟିଛି । ଡେପୁଟି କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । ସୁରକ୍ଷା ବାହିନୀ ଅଞ୍ଚଳରେ ଅପରେସନ୍ ଚଳାଇଛନ୍ତି । ଆକ୍ରମଣ ପାଇଁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି ।

# ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇଣ୍ଡୋନେସିଆ ଗସ୍ତରେ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଅନେକ ବଡ଼ ଚୁକ୍ତି ହୋଇଛି । ଯେଉଁଥିରେ ଇଭିଏମ ନିର୍ମାଣରେ ସହାୟତା, ଅସ୍ତ୍ର କ୍ଷେପଣାସ୍ତ୍ର କ୍ରୟ, ବ୍ରହ୍ମୋସ କ୍ଷେପଣାସ୍ତ୍ର ପାଇଁ ବ୍ୟାଟେରୀ ଏବଂ ସବାଙ୍ଗ ବନ୍ଦରର ବିକାଶ ଆଦି ରହିଛି । ପ୍ରଧାନମନ୍ତ୍ରୀ ମୋଦୀ ଇଣ୍ଡୋନେସିଆ ସହିତ ଉତ୍ତମ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଜାକର୍ତ୍ତାରେ ସେ ଦୁଇ ଦେଶ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଐତିହାସିକ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିଛି, ଯାହାକୁ ଉଭୟ ଦେଶ ଏକାଠି ଆଗକୁ ନେବେ । ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସର୍ବୋଚ୍ଚ ସମ୍ମାନ ଦେବାକୁ ମଧ୍ୟ ଘୋଷଣା କରିଛି । ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିଆଣ୍ଟୋ ଘୋଷଣା କରିଛନ୍ତି ଯେ, ତାଙ୍କ ଦେଶ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କର ସର୍ବୋଚ୍ଚ ସମ୍ମାନ 'ବିନତାଙ୍ଗ ଆଦିପୂର୍ଣ୍ଣା ଅଫ୍ ଦି ରିପବ୍ଲିକ୍ ଅଫ୍ ଇଣ୍ଡୋନେସିଆ' ପଦକରେ ସମ୍ମାନିତ କରୁଛି । ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ ହେବା ପରେ, ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଏହି ସମ୍ମାନ କୋଟି କୋଟି ଭାରତୀୟଙ୍କର । ଏହା ଇଣ୍ଡୋନେସିଆର ଲୋକଙ୍କ ଭାବନା ଏବଂ ଭାରତ ତଥା ଇଣ୍ଡୋନେସିଆ ମଧ୍ୟରେ ଐତିହାସିକ ଏବଂ ଗଭୀର ସମ୍ପର୍କ ପ୍ରତି ଏକ ସମ୍ମାନ । ଇଣ୍ଡୋନେସିଆ ପାଇଁ ବିଶେଷ ଭାବରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍(ଇଭିଏମ) ବିକଶିତ କରିବାରେ ଭାରତ ଇଣ୍ଡୋନେସିଆକୁ ସହାୟତା କରିବ । ଏହା ବ୍ୟତୀତ, ଭାରତର ଏୟାର-ଟୁ-ଏୟାର ମିସାଇଲର ସଫଳତା ପରେ, ଇଣ୍ଡୋନେସିଆ ଭାରତଠାରୁ ଅସ୍ତ୍ର ମିସାଇଲ୍ କିଣିବାକୁ ନିଷ୍ପତ୍ତି ନେଇଛି । ଅତ୍ୟାବଶ୍ୟକୀୟ ଖଣିଜ ପଦାର୍ଥର ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ, ଭାରତ ଇଣ୍ଡୋନେସିଆରେ



ଇସ୍ପାତ, ନିକେଲ ଏବଂ ବିରଳ ପୃଥିବୀ ସ୍ଥାୟୀ ଚୁମ୍ବକ ଉତ୍ପାଦନରେ ନିବେଶ କରିବ । ଇଣ୍ଡୋନେସିଆ ଏହାର ବ୍ରହ୍ମୋସ ଷ୍ଟକପାଇଲ୍ ବୃଦ୍ଧି କରୁଛି, ଏବଂ ଭାରତ ଏଥିପାଇଁ ବ୍ୟାଟେରୀ ଯୋଗାଇଦେବ । ପ୍ରଧାନମନ୍ତ୍ରୀ ମୋଦୀ ଜାକର୍ତ୍ତାରେ ପ୍ରବୋଓଙ୍କ ସହିତ ଏକ ମିଳିତ ବୈଠକରେ କହିଛନ୍ତି, ୨୦୧୮ ମସିହାରେ ଗଠିତ ଆମର ବ୍ୟାପକ ରଣନୈତିକ ସହଭାଗୀତା ଆଜି ଏକ ନୂତନ ଉଡ଼ାଣ ନେଉଛି । ଆମେ ବିକାଶ, ସୁରକ୍ଷା, ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରୁଛୁ । ମୁଁ ନିଶ୍ଚିତ ଯେ, ଭାରତ-ଇଣ୍ଡୋନେସିଆ ସହଭାଗୀତାରେ ଏକ ନୂତନ, ସୁବର୍ଣ୍ଣ ଅଧ୍ୟାୟର ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁଇ ଦେଶ ମଧ୍ୟରେ ବଢୁଥିବା ବିଶ୍ୱାସ ଆମର ପ୍ରତିରକ୍ଷା ଏବଂ ସାମୁଦ୍ରିକ ସହଯୋଗକୁ ମଜବୁତ କରୁଛି । ଆଜି ଆମେ ପ୍ରତିରକ୍ଷା ଆଦାନପ୍ରଦାନ, ବିପର୍ଯ୍ୟୟ ପରିଚାଳନା ଏବଂ ଶିକ୍ଷ ସହଯୋଗକୁ ବୃଦ୍ଧି କରିବାକୁ ସହମତ ହୋଇଛୁ । ଆଜିର ଚୁକ୍ତିନାମା ଦ୍ୱାରା ଭାରତର ଉଚ୍ଚମାନର ଏବଂ ସୁଲଭ ଔଷଧ ଇଣ୍ଡୋନେସିଆର ନାଗରିକମାନଙ୍କ ପାଇଁ ଅଧିକ ସହଜରେ ଉପଲବ୍ଧ ହେବ । ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଛନ୍ତି ଯେ, ଭାରତ ଇଣ୍ଡୋନେସିଆର ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା କର୍ମୀଙ୍କ ପାଇଁ କ୍ଷମତା ନିର୍ମାଣରେ ମଧ୍ୟ ଯୋଗଦାନ ଦେବ । ସେ କହିଛନ୍ତି, ଭାରତରେ ବିକଶିତ ଗହମ ବିହନର ଯୋଗାଣ ଇଣ୍ଡୋନେସିଆର ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ । ଆମେ ପରସ୍ପର ସହିତ ସ୍ଥାୟୀ କୃଷି ଏବଂ କୃଷି ପ୍ରଯୁକ୍ତିବିଦ୍ୟାରେ ସର୍ବୋତ୍ତମ ଜ୍ଞାନକୌଶଳ ମଧ୍ୟ ପ୍ରଦାନ କରିବୁ । ଭାରତ ଏବଂ ଇଣ୍ଡୋନେସିଆ ମିଳିତ ଭାବରେ ସାବାଙ୍ଗ ବନ୍ଦର ବିକଶିତ କରିବେ । ଏହି ବନ୍ଦରଟି ମାଲାକ୍କା ପ୍ରଣାଳୀ ନିକଟରେ ଅବସ୍ଥିତ ଏବଂ ଭାରତର ଗ୍ରେଟ୍ ନିକୋବର ବନ୍ଦର ପ୍ରକଳ୍ପରୁ ୧୦୦ ମାଇଲ ଦୂରରେ ଅବସ୍ଥିତ ।

## ହ୍ୱାଟ୍ସଆପ୍ ୟୁଜରନେମ୍ ଫିଚରକୁ ନେଇ ଆଲର୍ଟରେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** ହ୍ୱାଟ୍ସଆପର ଆସୁଥିବା ୟୁଜରନେମ୍ ଫିଚରକୁ ନେଇ କେନ୍ଦ୍ର ସରକାର ସତର୍କ ହୋଇଛନ୍ତି । ଏହି ଫିଚର ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ପାଇଁ କେନ୍ଦ୍ର ସରକାର ମେଟାକୁ ପୂର୍ବରୁ ନୋଟିସ୍ ଜାରି କରିଥିଲେ । ବର୍ତ୍ତମାନ କମ୍ପାନିକୁ ଉତ୍ତର ଦେବା ପାଇଁ ଆଉ ୩ ଦିନର ସମୟ ଦିଆଯାଇଛି । ହ୍ୱାଟ୍ସଆପର ଏହି ନୂଆ ଫିଚର ଆସିଲେ ବ୍ୟବହାରକାରୀମାନେ ମୋବାଇଲ୍ ନମ୍ବର ସେୟାର୍ ନକରି କେବଳ ଏକ ୟୁଜରନେମ୍ ମାଧ୍ୟମରେ ଅନ୍ୟମାନଙ୍କ ସହ କଥା ହୋଇପାରିବେ । ଏହାକୁ ମେଟା ଗୋପନୀୟତା ବଢ଼ାଇବା ପାଇଁ ଆଣୁଥିବା ବେଳେ ସରକାରଙ୍କ ଚିନ୍ତା ହେଉଛି ଯେ ଏହାର ଅପବ୍ୟବହାର କରି ଠକମାନେ ନକଲି ପରିଚୟ ସୃଷ୍ଟି କରି ଅନଲାଇନ୍ ଠକେଇ ଏବଂ ସାଇବର ଅପରାଧ ବଢ଼ାଇ ପାରନ୍ତି । ସୂଚନା ଅନୁଯାୟୀ ମେଟା ପ୍ରତିନିଧିମାନେ ସରକାରୀ ଅଧିକାରୀଙ୍କ ସହ ଏହି ବିଷୟରେ ଆଲୋଚନା କରିଛନ୍ତି । କମ୍ପାନିକୁ ଜୁଲାଇ ୯ ପର୍ଯ୍ୟନ୍ତ ନିଜ ପକ୍ଷ ରଖିବାକୁ ସମୟ ଦିଆଯାଇଛି । ସେପର୍ଯ୍ୟନ୍ତ ଭାରତରେ ଏହି ଫିଚର ଲଞ୍ଚ କରାଯିବ ନାହିଁ ବୋଲି ମେଟା ସରକାରଙ୍କୁ ଜଣାଇଛି । କେନ୍ଦ୍ର ସରକାରଙ୍କ କହିବା ଅନୁଯାୟୀ ନୂଆ ପ୍ରଯୁକ୍ତି ଆଣିବା ପୂର୍ବରୁ ଲୋକଙ୍କ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ୟୁଜରନେମ୍ ଆଧାରିତ ବ୍ୟବସ୍ଥା ଫଳରେ ଯଦି ଲୋକଙ୍କ ପରିଚୟ ଲୁଚାଇ ଅପରାଧ କରିବା ସହଜ ହୁଏ, ତେବେ ସେଥିପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ମେଟାକୁ କୁହାଯାଇଛି । ମେଟା ପକ୍ଷରୁ କୁହାଯାଇଛି ଯେ ୟୁଜରନେମ୍ ଫିଚରରେ ସୁରକ୍ଷା ବ୍ୟବସ୍ଥା ରହିଛି ଏବଂ ସରକାରଙ୍କ ସହ ଆଲୋଚନା ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଭାରତରେ ଏହାକୁ ଆରମ୍ଭ କରାଯିବ ନାହିଁ ।

## ସିଜେପିର 'ଏକ୍ସ' ଆକାଉଣ୍ଟ ପୁନଃକାର୍ଯ୍ୟକ୍ଷମ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ ଗତ ମେ' ମାସରୁ ଭାରତରେ ପ୍ରତିବନ୍ଧିତ ହୋଇ ରହିଥିବା 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଆକାଉଣ୍ଟକୁ ତୁରନ୍ତ ପୁନଃକାର୍ଯ୍ୟକ୍ଷମ ବା ସକ୍ରିୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆକାଉଣ୍ଟ ବ୍ଲକ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଦାୟର କରିଥିବା ଏକ ଆବେଦନର ଶୁଣାଣି କରି ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମା ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା



କୋର୍ଟଙ୍କୁ ଜଣାଇଥିଲେ ଯେ, ଜୁନ୍ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା 'ନିଟ୍' ପୁନଃ-ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ କୌଣସି ଅପ୍ରୀତିକର ପରିସ୍ଥିତି ବା ବିଭ୍ରାଟ ଏଡ଼ାଇବା ପାଇଁ ଏହି ଆକାଉଣ୍ଟକୁ ବ୍ଲକ୍ କରାଯାଇଥିଲା । ତେବେ ବର୍ତ୍ତମାନ ଯେହେତୁ ନିଟ୍ ପରୀକ୍ଷା ସଫଳତାର ସହ ଶେଷ ହୋଇସାରିଛି, ତେଣୁ ଏହି ପ୍ରତିବନ୍ଧକର ଆଉ କୌଣସି ପ୍ରାସଙ୍ଗିକତା ନାହିଁ ଦର୍ଶାଇ ଅଦାଲତ କେନ୍ଦ୍ରର ସେହି ପୁରୁଣା ଆଦେଶକୁ ରଦ୍ଦ କରିବା ସହ ଆବେଦନକୁ ଗ୍ରହଣ କରିଛନ୍ତି ।

# କୋଟି କୋଟି ଟଙ୍କାର ଚାକିରି ଛାଡୁଛନ୍ତି ଗୁଗଲ୍ କର୍ମଚାରୀ

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** ଗୋଟେ ସମୟରେ ଗୁଗଲ୍ର ଚାକିରିକୁ ଟେକ୍ ଦୁନିଆର ସବୁଠାରୁ ସୁରକ୍ଷିତ ଓ ସମ୍ମାନଜନକ ଚାକିରି ବୋଲି ଧରାଯାଉଥିଲା । ଯେଉଁଠି ଲୋକେ କାମ କରିବାକୁ ପାଗଳ ହେଇଯାଉଥିଲେ, କିନ୍ତୁ ଏବେ ସମୟ ବଦଳୁଛି । ଭଲ ପଇସା ଓ ସୁବିଧା ଥିବା ସତ୍ତ୍ୱେ ଅନେକ ଗୁଗଲ୍ କର୍ମଚାରୀ ଚାକିରି ଛାଡ଼ି ଏଆଇ କ୍ଷେତ୍ରରେ ନିଜର ଷ୍ଟାର୍ଟଅପ୍ ଆରମ୍ଭ କରୁଛନ୍ତି । ଏହା ଟେକ୍ ଶିଳ୍ପରେ ବଦଳୁଥିବା କ୍ୟାରିୟର ଧାରାକୁ ସ୍ପଷ୍ଟ କରୁଛି । ଏହି ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ଅଛନ୍ତି ଗୁଗଲର ଜଣେ ପୂର୍ବତନ କର୍ମଚାରୀ ୟୁସୁଫ୍ ଇମ୍ରାନ । ସେ ଗୁଗଲ୍ରେ ବର୍ଷକୁ ପ୍ରାୟ ୯ କୋଟି ଟଙ୍କାରୁ ଅଧିକ ପାଉଥିଲେ । ତଥାପି ସେ ଚାକିରି ଛାଡ଼ି ନିଜର ଏଆଇ ଷ୍ଟାର୍ଟଅପ୍ ମ୍ୟାଙ୍ଗୋଷ୍ଟିନ ଷ୍ଟୁଡିଓ ଆରମ୍ଭ କରିଛନ୍ତି । ତାଙ୍କ କହିବା ଅନୁସାରେ ଏଆଇ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ହେଉଥିବାରୁ ପଛରେ ପଡ଼ିଯିବାର ଭୟ (AI FOMO) ତାଙ୍କୁ ଏହି ନିଷ୍ପତ୍ତି ନେବାକୁ ପ୍ରେରଣା ଦେଇଥିଲା । ବିଶେଷଜ୍ଞମାନଙ୍କ ମତରେ ଏଆଇ କ୍ଷେତ୍ରରେ ନୂଆ । କମ୍ପାନୀମାନେ କର୍ମଚାରୀଙ୍କୁ ଭଲ ପଇସା ଦେବା ସହ ଇକ୍ୟୁଟି କମ୍ପାନୀର ଦେଉଛନ୍ତି । ଭବିଷ୍ୟତରେ ଏହି ଷ୍ଟାର୍ଟଅପ୍ ସଫଳ ହେଲେ କର୍ମଚାରୀମାନେ ବଡ଼ ଆର୍ଥିକ ଲାଭ ପାଇପାରିବେ । ଏହି କାରଣରୁ ଅନେକ ଅଭିଜ୍ଞ କର୍ମଚାରୀ ଏଆଇ ଷ୍ଟାର୍ଟଅପ୍ ଦିଗକୁ ଆକର୍ଷିତ ହେଉଛନ୍ତି । ଅନ୍ୟପଟେ ଗୁଗଲ୍ ସମେତ ଅନେକ ବଡ଼ ଟେକ୍ କମ୍ପାନୀରେ ଗତ କିଛି ବର୍ଷ ଧରି କାର୍ଯ୍ୟ ସଂସ୍କୃତିର ପରିବର୍ତ୍ତନ ଓ ଏଆଇ ଆଧାରିତ କାମ ବଢ଼ିବା ଯୋଗୁଁ କର୍ମଚାରୀମାନେ ନୂଆ ସୁଯୋଗ ଖୋଜୁଛନ୍ତି । ଏଆଇ ଆସିବା ପରେ ଟେକ୍ ଶିଳ୍ପରେ ନୂଆ ଦକ୍ଷତାର ଚାହିଦା ମଧ୍ୟ ଦ୍ରୁତ ଗତିରେ ବଢ଼ିଛି । ଭାରତରେ ମଧ୍ୟ ଏଆଇ ସମ୍ବନ୍ଧୀୟ ଚାକିରିର ଚାହିଦା ଲଗାତାର ବଢୁଛି । ବିଭିନ୍ନ କମ୍ପାନୀ ଏଆଇ, ମେସିନ ଲର୍ଣ୍ଣିଂ ଓ ଡାଟା ସାଇନ୍ସ ଜାଣିଥିବା ପ୍ରାର୍ଥୀଙ୍କୁ ଅଧିକ ପ୍ରାଥମିକତା ଦେଉଛନ୍ତି । ସେଥିପାଇଁ ଭବିଷ୍ୟତରେ ଟେକ୍ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ଯୁବପିଢ଼ିଙ୍କ ପାଇଁ ଏଆଇ ଶିଖିବା ଏବେ ପ୍ରାୟ ଅନିବାର୍ଯ୍ୟ ହୋଇପଡ଼ିଛି ।

# ସିନ୍ଧୁ ଜଳ ଚୁକ୍ତିନାମା ଉପରେ ଭାରତର କଠୋର ଆଭିମୁଖ୍ୟ ନେଇ ପାକିସ୍ତାନର ଆସ୍ଫାଳନ

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** ସିନ୍ଧୁ ଜଳ ଚୁକ୍ତିନାମା ନେଇ ଭାରତର କଠୋର ଆଭିମୁଖ୍ୟ ପାକିସ୍ତାନର ସାମରିକ ଏବଂ ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି । ଗତ ବର୍ଷ ଏପ୍ରିଲ୍ ୨୨ ତାରିଖରେ ପହଲଗାମରେ ହୋଇଥିବା କାପୁରୁଷୋଚିତ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ଏହି ପୁରୁଣା ୧୯୬୦ ଚୁକ୍ତିନାମାକୁ ସ୍ଥଗିତ ରଖିବା ପାଇଁ କଠୋର ନିଷ୍ପତ୍ତି ନେଇଥିଲା । ସେବେଠାରୁ ଏନେଇ ପାକିସ୍ତାନ ବାରମ୍ବାର ବୃଥା ଧମକ ଦେଇ ଆସୁଛି । ଭାରତର ଏହି ନିଷ୍ପତ୍ତି ପାକିସ୍ତାନର କୃଷି ଏବଂ ଅର୍ଥନୀତି ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି । କାରଣ ପାକିସ୍ତାନ ନିଜର ଜଳ ଆବଶ୍ୟକତା ପାଇଁ ଏହି ନଦୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ସମ୍ପ୍ରତି ପାକିସ୍ତାନର ଶୀର୍ଷ ସାମରିକ ନେତୃତ୍ୱ ଏକ ସ୍ୱତନ୍ତ୍ର ବୈଠକ କରି ଭାରତକୁ ଚେତାବନୀ ଦେଇଛନ୍ତି ଯେ, ଜଳ ପ୍ରବାହକୁ ରୋକିବା କିମ୍ବା ବଦଳାଇବା ଭଳି ଯେକୌଣସି ପ୍ରୟାସକୁ 'ଯୁଦ୍ଧ କାର୍ଯ୍ୟ' ଭାବରେ ବିବେଚନା କରାଯିବ । ରାୱଲପିଣ୍ଡିରେ ସେନା ମୁଖ୍ୟ ଜେନେରାଲ



ଅସୀମ ମୁନିରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୭୬ତମ କୋର୍ପସ କମାଣ୍ଡର ସମ୍ମିଳନୀରେ ସିନ୍ଧୁ ଜଳ ଚୁକ୍ତିନାମା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏକ ସାମରିକ ବିବୃତି ଅନୁଯାୟୀ, ପାକିସ୍ତାନ ସରକାରଙ୍କ ନିର୍ଦ୍ଦେଶ ଏବଂ ଜନସାଧାରଣଙ୍କ ଭାବନା ଅନୁଯାୟୀ ଦେଶର ନ୍ୟାର୍ଯ୍ୟ ଜଳ ଅଂଶ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଛି । ସେହିପରି ଏକ ରାଲିରେ ଭାଷଣ ଦେଇ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ଅଧ୍ୟକ୍ଷ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀ ମଧ୍ୟ ଚେତାବନୀ ଦେଇଛନ୍ତି, ଯେ ଭାରତ ସିନ୍ଧୁ ନଦୀର ଜଳକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି । ପାକିସ୍ତାନ ଏହାକୁ ସହ୍ୟ କରିବ ନାହିଁ ଏବଂ ଜଳକୁ ସୁରକ୍ଷିତ ରଖିବା ପାଇଁ ଯେ କୌଣସି ପଦକ୍ଷେପ ଗ୍ରହଣ କରିବ । ପାକିସ୍ତାନ ଯୁଦ୍ଧ ପାଇଁ ପ୍ରସ୍ତୁତ । ଆମେ ସିନ୍ଧୁ ନଦୀର ଅଧିକାର ସହିତ କେବେବି ସାଲିସ କରିବୁ ନାହିଁ । ନଦୀର ଜଳକୁ ଅସ୍ତ୍ର କରିବାର ଯେକୌଣସି ପ୍ରୟାସର ଆମେ ଜବାବ ଦେବୁ । ପାକିସ୍ତାନ ସବୁ ମୋର୍ଚ୍ଚାରେ ଯୁଦ୍ଧ ଲଢିବାକୁ ପ୍ରସ୍ତୁତ ବୋଲି ସେ ବୃଥା ଧମକ ଦେଇଛନ୍ତି ।

## ମାକ୍ରୋନଙ୍କ ସୁରକ୍ଷାରେ ତ୍ରୁଟି, ସିରିଆ ଗସ୍ତ ବେଳେ ବିସ୍ଫୋରଣ

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନଙ୍କ ସିରିଆ ଗସ୍ତ ବେଳେ ବିସ୍ଫୋରଣ । ସିରିଆ ରାଷ୍ଟ୍ରପତିଙ୍କୁ ଭେଟିବା ପରେ ରାଜଧାନୀ ଦାମସକସ୍ ରେ ଲଗାତାର ୨ଟି ବିସ୍ଫୋରଣ ହୋଇଛି । ମାକ୍ରୋନ ରହୁଥିବା ହୋଟେଲ ନିକଟରେ ଧମାକା ହୋଇଥିବା ସୂଚନା ମିଳିଛି । ତେବେ ଫ୍ରାନ୍ସ ରାଷ୍ଟ୍ରପତି ସୁରକ୍ଷିତ ଅଛନ୍ତି ।

ସୂଚନାନୁଯାୟୀ, ମଙ୍ଗଳବାର ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ସିରିଆ ରାଷ୍ଟ୍ରପତି ଅହମଦ ଅଲ-ସରା ସହ ରାଷ୍ଟ୍ରପତି ଭବନରେ ଭବନରେ ବୈଠକ କରୁଥିଲେ । ଏହି ସମୟରେ ମାକ୍ରୋନ ରହିଥିବା ରାଜଧାନୀ ଦାମସକସ୍ ସ୍ଥିତ ଫୋର୍ ସିଜନ୍ସ ହୋଟେଲ ନିକଟରେ ଜୋରଦାର୍ ବିସ୍ଫୋରଣ ହୋଇଛି । ତେବେ ବିସ୍ଫୋରଣରେ କେତେଜଣ ମୃତାହାତ ହୋଇଛନ୍ତି ସେନେଇ ସୂଚନା ମିଳିନାହିଁ । ମାକ୍ରୋନ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଛନ୍ତି । ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ତାଙ୍କର କାର୍ଯ୍ୟକ୍ରମ ଜାରି ରହିବ । ତେବେ ଏହି ବିସ୍ଫୋରଣ କିଏ କଲା ସେନେଇ ସୂଚନା



ମିଳିନାହିଁ । କିଛି ଦିନ ପୂର୍ବରୁ ଦାମସକସ୍ ର ଜଷ୍ଟିସ୍ ପ୍ୟାଲେସ୍ ନିକଟ ଏକ କ୍ୟାଫେରେ ବିସ୍ଫୋରଣ ହୋଇଥିଲା । ଏହି ହମଲାରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଆହତ ହୋଇଥିଲେ ।

# ୫ ଦିନରେ ଅମରନାଥ ଦର୍ଶନ କଲେଣି ୧ ଲକ୍ଷ ଭକ୍ତ

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** ବାର୍ଷିକ ଅମରନାଥ ଯାତ୍ରା ପାଇଁ ଚଳିତ ବର୍ଷ ଭକ୍ତଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି । ମଙ୍ଗଳବାର ସକାଳେ ୩୧ ଜଣ ବିଦେଶୀ ନାଗରିକଙ୍କ ସମେତ ମୋଟ ୮,୮୧୫ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଚଳିତ ବର୍ଷର ସବୁଠାରୁ ବଡ଼ ଦଳ ଜମ୍ମୁର ଭଗବତୀ ନଗର ବେସ୍ କ୍ୟାମ୍ପରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପବିତ୍ର ଗୁମ୍ଫା ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ଗତ ୨ ତାରିଖରୁ ଆରମ୍ଭ



ହୋଇଥିବା ଏହି ଯାତ୍ରାର ମାତ୍ର ପ୍ରଥମ ୪ ଦିନ ମଧ୍ୟରେ ଏହି ପବିତ୍ର ଗୁମ୍ଫାରେ ବାବା ବରଫାନୀଙ୍କୁ ଦର୍ଶନ କରିଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୯୩,୦୦୦ ଅତିକ୍ରମ କରିସାରିଛି । ୩,୮୮୦ ମିଟର ଉଚ୍ଚତାରେ ଅବସ୍ଥିତ ମହାଦେବଙ୍କ ଏହି ପବିତ୍ର ଗୁମ୍ଫାକୁ ଆଜି ସନ୍ଧ୍ୟା ସୁଦ୍ଧା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୧ ଲକ୍ଷ ଟପିଯିବ ବୋଲି ପ୍ରଶାସନ ପକ୍ଷରୁ ଆଶା କରାଯାଉଛି । ଯଦି ଏହା ହୁଏ, ତେବେ ଚଳିତ ବର୍ଷର ରେକର୍ଡ ଭିଡ଼କୁ ଦର୍ଶାଉଛି । ଆଗାମୀ ଅଗଷ୍ଟ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ଏହି ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି । ଅଧିକାରୀଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ବାହାରିଥିବା ଏହି ସର୍ବବୃହତ ଦଳରେ ୫,୮୩୧ ଜଣ ପୁରୁଷ, ୩୪,୮୨୯ରେ ପହଞ୍ଚିଛି । ଏହାପୂର୍ବରୁ ଗତ ରବିବାର ସର୍ବାଧିକ ୬,୭୨୧ ଜଣ ଯାତ୍ରୀ ଯାଇଥିବା ବେଳେ ମଙ୍ଗଳବାରର ଏହି ଦଳ ସେହି ରେକର୍ଡକୁ ଭାଙ୍ଗିଛି । ଏହି ଅପ୍ରତ୍ୟାଶିତ ଭିଡ଼କୁ ଦୃଷ୍ଟିରେ ରଖି ଜମ୍ମୁ କଶ୍ମୀର ପ୍ରଶାସନ ପକ୍ଷରୁ ଅଣପଞ୍ଜୀକୃତ ଭକ୍ତମାନଙ୍କୁ ଆସନ୍ତା ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ନିଜର ଯାତ୍ରା ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି, କାରଣ ଏହି ସମୟ ପର୍ଯ୍ୟନ୍ତ ସମସ୍ତ ସ୍ଲଟ୍ ସମ୍ପୂର୍ଣ୍ଣ ବୁକ୍ ହୋଇସାରିଛି । କେବଳ ବୈଧ ପଞ୍ଜୀକରଣ ଥିବା ଶ୍ରଦ୍ଧାଳୁଙ୍କୁ ହିଁ କାଶ୍ମୀର ସୀମା ଭିତରକୁ ପ୍ରବେଶ ଅନୁମତି ମିଳୁଛି ଏବଂ ଅନ୍ୟମାନଙ୍କୁ ସ୍ୱତନ୍ତ୍ର ଚେକପଏଣ୍ଟ ନିକଟରେ ଅଟକାଯାଉଛି ।

# କେରଳର ୱାୟନାଡରେ ପ୍ରବଳ ବର୍ଷା

**ନୂଆଦିଲ୍ଲୀ,୭ ।୭(ଏଜେନ୍ସି):** ପ୍ରବଳ ବର୍ଷା ମଧ୍ୟରେ କେରଳର ୱାୟନାଡରେ ଭୂସ୍ଖଳନ ଘଟିଛି । ଫଳରେ ମାଟିତଳେ ୧୦ ଜଣ ଫସି ରହିଛନ୍ତି । ସେମାନମାନଙ୍କୁ ବାହାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଗତ କିଛି ଦିନ ଧରି କେରଳରେ ପ୍ରବଳ ବର୍ଷା ହେଉଛି । ୱାୟନାଡ ଭୂସ୍ଖଳନର ଭୟଙ୍କର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଭିଡିଓରେ ପାଣିସହିତ ବହୁ ପରିମାଣରେ ଆବର୍ଜନା ରାସ୍ତା ଉପରେ ପ୍ରବାହିତ ହେଉଥିବା ଦେଖାଯାଉଛି । ଲୋକମାନେ ଜୀବନ ବିକଳରେ ଦୌଡୁଥିବାର ଦେଖାଯାଉଛି । ଭୂସ୍ଖଳନ ପରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ଜରୁରୀକାଳୀନ ଦଳ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ କାମ କରୁଥିବା ଲୋକମାନଙ୍କୁ ସୁରକ୍ଷିତ ଭାବରେ ବାହାର କରିଥିଲେ । ଅଧିକାରୀମାନେ କହିଛନ୍ତି ଯେ, ପାଞ୍ଚ ଜଣଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଛି । ୱାୟନାଡର କଲ୍ଲାଡି ଟନେଲ ନିର୍ମାଣ ସ୍ଥଳରେ ଭୂସ୍ଖଳନ ଯୋଗୁଁ ରାସ୍ତା ଅବରୋଧ ହୋଇଥିବା ଜଣାପଡିଛି । ଏହି ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ପ୍ରବଳ ବର୍ଷା ଯୋଗୁଁ କାମ ପୂର୍ବରୁ ବନ୍ଦ ହୋଇଯାଇଥିଲା । କେରଳ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କହିଛି ଯେ ଗତ ୨୪ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ୨୬୫ ମିମି ବର୍ଷା ହୋଇଛି, ଯାହା ଭୂସ୍ଖଳନର କାରଣ । ଯଦି କଲ୍ଲାଡି ଟନେଲ ନିକଟରେ କାମ ଚାଲୁଥାନ୍ତା, ତେବେ ଅନେକ ଲୋକ ପ୍ରଭାବିତ ହୋଇଥାନ୍ତେ । ପ୍ରବଳ ବର୍ଷା ମଧ୍ୟରେ, କେରଳ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପୂର୍ବରୁ ସତର୍କ କରାଇ ଦେଇଛନ୍ତି ଯେ, ପ୍ରବଳ ବର୍ଷା ଯୋଗୁଁ ମୁଖ୍ୟ ରାସ୍ତାରେ ପାଣି ଜମି ରହିବା, ଦୃଶ୍ୟମାନତା ହ୍ରାସ ପାଇବା, ଯାତାୟାତ ବାଧାପ୍ରାପ୍ତ ହେବା, ତଳିଆ ଅଞ୍ଚଳ ଏବଂ ନଦୀ କୂଳରେ ବନ୍ୟା ଆସିବା, ଗଛ ଉପୁଡ଼ି ପଡ଼ିବା ଯୋଗୁଁ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହେବା, ଘର ଏବଂ କୁଡ଼ିଆର କ୍ଷତି ହେବା ଏବଂ ଭୂସ୍ଖଳନର ଆଶଙ୍କା ବଢ଼ିପାରେ ।



# ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ମ୍ୟୁଚୁଆଲ ଫଣ୍ଡ ବିତରଣ ସେବା ଆରମ୍ଭ

**ଭୁବନେଶ୍ୱର, ୭।୭ (ନି.ପ୍ର) :** ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ନିକଟରେ ଏହାର ମ୍ୟୁଚୁଆଲ୍ ଫଣ୍ଡ ବିତରଣ ସେବା ଆରମ୍ଭ କରାଯାଇଛି । ଯାହା ବ୍ୟାଙ୍କର ବିସ୍ତୃତ ବ୍ୟାଙ୍କିଙ୍ଗ୍ ସମାଧାନ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି । ଏହି ସେବାକୁ ଗ୍ରାହକଙ୍କୁ ଏକ ସହଜ ଏବଂ ଡିଜିଟାଲ୍ ସକ୍ଷମ ନିବେଶ ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହାକି ଉନ୍ନତ ଆର୍ଥିକ ଯୋଜନା ପାଇଁ ସ୍ୱତନ୍ତ୍ର ଫଣ୍ଡ ବିକଳ୍ପ, ସରଳୀକୃତ ଅନ୍‌ବୋର୍ଡିଂ ପ୍ରକ୍ରିୟା ଏବଂ ଗଭୀର ବିଶ୍ଳେଷଣ ଦ୍ୱାରା ସମର୍ଥିତ । ଏହି ପ୍ଲାଟଫର୍ମ ସର୍ବନିମ୍ନ ଗ୍ରାହକ ତଥ୍ୟ ସହିତ ସହଜ ଅନ୍‌ବୋର୍ଡିଂ, ଇଂଟରନେଟ୍ ବ୍ୟାଙ୍କିଙ୍ଗ୍, ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଏବଂ ଆରଏମ୍ ଚ୍ୟାନେଲ୍ ମାଧ୍ୟମରେ ମଲ୍ଟି-ଚ୍ୟାନେଲ୍ ଆକ୍‌ସେସ ସୁବିଧା ପ୍ରଦାନ କରୁଛି ।

ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଗ୍ରାହକମାନଙ୍କୁ ଏକ ବିସ୍ତୃତ ଶୃଙ୍ଖଳାର ନିବେଶ ବିକଳ୍ପ ପ୍ରଦାନ କରିବା ପାଇଁ ଅଗ୍ରଣୀ ଏଏମସିଗୁଡ଼ିକ ସହିତ ସହଭାଗିତା ମଧ୍ୟ କରିଛି । ଏହି ଶୁଭାରମ୍ଭ ସମ୍ପର୍କରେ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ରିଟେଲ ଲାୟାବିଲିଟିଜ୍- ଟିଏଏସସି ଓ ଟିପିପିର ମୁଖ୍ୟ ଶ୍ରୀ ହିତେନ୍ଦ୍ର ଝା କହିଛନ୍ତି, 'ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କରେ, ଆମେ ଆମର ଗ୍ରାହକମାନଙ୍କୁ ସହଜ ଏବଂ ସ୍ୱଚ୍ଛ ସମ୍ପତି ସୃଷ୍ଟିର ସୁଯୋଗ ପ୍ରଦାନ କରି ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛୁ । ଆମର ମ୍ୟୁଚୁଆଲ ଫଣ୍ଡ ବିତରଣ ପ୍ଲାଟଫର୍ମର ଶୁଭାରମ୍ଭ ସାମଗ୍ରିକ ଆର୍ଥିକ ସମାଧାନ ପ୍ରଦାନ କରିବାର ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଅଟେ । ଏକ ବାଧାମୁକ୍ତ ଡିଜିଟାଲ ଅଭିଜ୍ଞତା ଏବଂ ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ବିସ୍ତୃତ ଶୃଙ୍ଖଳାର ମ୍ୟୁଚୁଆଲ ଫଣ୍ଡ ଉତ୍ପାଦଗୁଡିକ ସହିତ, ଆମେ ନିବେଶକୁ ସରଳ କରିବା ଏବଂ ଗ୍ରାହକମାନଙ୍କୁ ସେମାନଙ୍କ ଲକ୍ଷ୍ୟ ଅନୁଯାୟୀ ସୂଚିତ ନିଷ୍ପତି ଗ୍ରହଣ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛୁ ।

# ଭାରତ ଓ ବିଶ୍ୱ ବଜାର ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ କ୍ରେନ୍ ଉତ୍ପାଦନ କରିବ 'ଏସିଇ କାଟୋ ପ୍ରାଇଭେଟ୍ ଲିମିଟେଡ୍'

**ଭୁବନେଶ୍ୱର, ୭।୭ (ନି.ପ୍ର) :** ଭାରତର ଅଗ୍ରଣୀ ନିର୍ମାଣ ଉପକରଣ ଉତ୍ପାଦନକାରୀ ଏବଂ ବିଶ୍ୱର ସର୍ବବୃହତ ପିକ୍-ଆଣ୍ଡ-କ୍ୟାରି କ୍ରେନ୍ ନିର୍ମାତା ଆକ୍ସନ୍ କନଷ୍ଟ୍ରକ୍ସନ୍ ଇକ୍ୱିପମେଣ୍ଟ ଲିମିଟେଡ୍ (ACE) ଓ ଜାପାନର ବିଶ୍ୱପ୍ରସିଦ୍ଧ ମୋବାଇଲ୍ କ୍ରେନ୍ ଏବଂ ନିର୍ମାଣ ଯନ୍ତ୍ରପାତି ନିର୍ମାତା କାଟୋ ୱର୍କ୍ସ କୋ. ଲିମିଟେଡ୍ (KATO Works Co., Ltd.) ମିଳିତ ଭାବେ 'ଏସିଇ କାଟୋ ପ୍ରାଇଭେଟ୍ ଲିମିଟେଡ୍' ନାମକ ୫୦:୫୦ ଭାଗୀଦାରୀରେ ଏକ ଯୌଥ ଉଦ୍ୟୋଗ ଗଠନ କରିଛନ୍ତି । ଏହି କମ୍ପାନୀ ଭାରତରେ ଉଚ୍ଚ କ୍ଷମତାସମ୍ପନ୍ନ କ୍ରେନ୍ ଉତ୍ପାଦନ ଦ୍ୱାରା ଘରୋଇ ବଜାର ସହ ବିଶ୍ୱ ବଜାରକୁ ଯୋଗାଣ କରିବ । ଏହି ଯୌଥ ଉଦ୍ୟୋଗ ଟ୍ରକ୍ କ୍ରେନ୍, କ୍ରଲର୍ କ୍ରେନ୍ ଏବଂ ରଫ୍ ଟେରେନ୍ କ୍ରେନ୍ ଉତ୍ପାଦନ ପାଇଁ ଏକ ସ୍ୱତନ୍ତ୍ର ଉତ୍ପାଦନ ପ୍ଲାଟଫର୍ମ ସ୍ଥାପନ କରିବ । ଏହି କ୍ରେନ୍‌ଗୁଡ଼ିକ ଭିତ୍ତିଭୂମି ବିକାଶ, ପରିବହନ, ଖଣି, ବନ୍ଦର, ଶକ୍ତି, ମେଟ୍ରୋ ରେଳ, ଶିଳ୍ପ ଓ ଅନ୍ୟାନ୍ୟ ବୃହତ ପ୍ରକଳ୍ପରେ ବ୍ୟବହୃତ ହେବ । କମ୍ପାନୀ ହରିୟାଣାରେ ୧୧ ଏକର ଜମିରେ ପ୍ରାୟ ୨୦୦ କୋଟି ବିନିଯୋଗରେ ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ସ୍ଥାପନ କରିଛି । ଏହି ନିବେଶ ଉତ୍ପାଦନ ଭିତ୍ତିଭୂମି, ଆଧୁନିକ ଉତ୍ପାଦନ ବ୍ୟବସ୍ଥା, ପ୍ରଯୁକ୍ତି ସମନ୍ୱୟ ଓ ନୂତନ ଉତ୍ପାଦ ବିକାଶରେ ବ୍ୟବହୃତ ହେବ । ଭବିଷ୍ୟତରେ ପର୍ଯ୍ୟାୟକ୍ରମେ ଅଧିକ ପୁଞ୍ଜି ବିନିଯୋଗ କରାଯାଇ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି ।




ଏହି ସହଭାଗିତା କାଟୋର ବିଶ୍ୱସ୍ତରୀୟ କ୍ରେନ୍ ଇଞ୍ଜିନିୟରିଂ, ଡିଜାଇନ୍ ଓ ପ୍ରଯୁକ୍ତି ଦକ୍ଷତାକୁ ଏସିଇର ଉତ୍ପାଦନ କୌଶଳ, ଦକ୍ଷ ସପ୍ଲାଏ ଚେନ୍, ସୁଦୃଢ଼ ସପ୍ଲାୟର ନେଟୱର୍କ ଏବଂ ଦେଶବ୍ୟାପୀ ବିକ୍ରୟ ଓ ବିକ୍ରି ପରବର୍ତ୍ତୀ ବ୍ୟବସ୍ଥା ସହ ଏକତ୍ର କରିଛି । ଏହା ମାଧ୍ୟମରେ ଭାରତରେ ବିଶ୍ୱ ସ୍ତରୀୟ ଉଚ୍ଚ ଗୁଣବତ୍ତାସମ୍ପନ୍ନ ଓ ପ୍ରତିଯୋଗିତାମୂଳକ ମୂଲ୍ୟର କ୍ରେନ୍ ଉତ୍ପାଦନ କରାଯିବ । ଚୁକ୍ତି ଅନୁଯାୟୀ କାଟୋ ଉତ୍ପାଦର ଇଞ୍ଜିନିୟରିଂ, ଡିଜାଇନ୍ ଓ ପ୍ରଯୁକ୍ତିର ନେତୃତ୍ୱ ନେବାବେଳେ ଏସିଇ ଉତ୍ପାଦନ, ସୋର୍ସିଂ ଓ ସ୍ଥାନୀୟକରଣର ଦାୟିତ୍ୱ ନେବ । ପ୍ରଥମ ପର୍ଯ୍ୟାୟରେ ଟ୍ରକ୍ କ୍ରେନ୍, କ୍ରଲର୍ କ୍ରେନ୍ ଓ ରଫ୍ ଟେରେନ୍ କ୍ରେନ୍ ଉତ୍ପାଦନ କରାଯିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ କ୍ରେନ୍ ମଡେଲ୍ ବଜାରକୁ ଅଣାଯିବ । ସମସ୍ତ ଉତ୍ପାଦ ଭାରତରେ ନିର୍ମିତ ହୋଇ ଦେଶ ଓ ବିଦେଶ ବଜାରକୁ ରପ୍ତାନି କରାଯିବ, ଯାହା 'ମେଡ୍ ଇନ୍ ଇଣ୍ଡିଆ ଫର୍ ଦ ୱାର୍ଲ୍ଡ' ଲକ୍ଷ୍ୟକୁ ସୁଦୃଢ଼ କରିବ । ଏହି ଯୌଥ ଉଦ୍ୟୋଗର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ ହେଉଛି ଏସିଇର ସ୍ଥାନୀୟ ସପ୍ଲାୟର ନେଟୱର୍କ ମାଧ୍ୟମରେ ଅଧିକରୁ ଅଧିକ ଉପାଦାନର ସ୍ଥାନୀୟକରଣ । ଏହା ଦ୍ୱାରା ଉତ୍ପାଦନ ଦକ୍ଷତା ବୃଦ୍ଧି, ଖର୍ଚ୍ଚ ହ୍ରାସ, ସପ୍ଲାଏ ଚେନ୍‌କୁ ଅଧିକ ସୁଦୃଢ଼ କରିବା ଏବଂ କାଟୋର ଉଚ୍ଚ ଗୁଣବତ୍ତା, ନିର୍ଭରଯୋଗ୍ୟ ଓ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ସମ୍ଭବ ହେବ । ଏହି ଅବସରରେ ଏସିଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୋରାବ ଅଗ୍ରୱାଲ କହିଛନ୍ତି, "ଏସିଇ କାଟୋ ପ୍ରାଇଭେଟ୍ ଲିମିଟେଡ୍ ଏସିଇର ବିକାଶ ଯାତ୍ରାରେ ଏକ ଐତିହାସିକ ଅଧ୍ୟାୟ । ଗତ ତିନି ଦଶନ୍ଧି ଧରି ଏସିଇ ସ୍ୱଦେଶୀ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିଭାଇ ଆସୁଛି । କାଟୋ ସହ ଏହି ସହଭାଗିତା ମାଧ୍ୟମରେ ଆମେ ଜାପାନର ବିଶ୍ୱସ୍ତରୀୟ ପ୍ରଯୁକ୍ତି ଓ ଭାରତର ଉତ୍ପାଦନ କ୍ଷମତାକୁ ଏକାଠି କରି ବିଶ୍ୱ ସ୍ତରୀୟ ଉଚ୍ଚ କ୍ଷମତାସମ୍ପନ୍ନ କ୍ରେନ୍ ଉତ୍ପାଦନ ପ୍ଲାଟଫର୍ମ ଗଢ଼ି ତୋଳୁଛୁ ।"ସେ ଆହୁରି କହିଛନ୍ତି, "ଆମର ଲକ୍ଷ୍ୟ କେବଳ କ୍ରେନ୍ ଉତ୍ପାଦନ ନୁହେଁ, ବରଂ ଭାରତରେ ଏକ ଦୀର୍ଘମିଆଦୀ ପ୍ରଯୁକ୍ତି ଓ ଉତ୍ପାଦନ ସହଭାଗିତା ଗଢ଼ି ତୋଳିବା । ଏହା ମାଧ୍ୟମରେ ଗ୍ରାହକଙ୍କ ବଦଳୁଥିବା ଆବଶ୍ୟକତା ପୂରଣ ସହ ଦେଶ ଓ ବିଶ୍ୱ ବଜାରରେ ଆମର ପ୍ରତିଯୋଗିତାମୂଳକ ସ୍ଥିତିକୁ ଆହୁରି ସୁଦୃଢ଼ କରାଯିବ ।"କାଟୋ ୱାର୍କ୍ସର ନିର୍ଦ୍ଦେଶକ ତୋମୋୟାସୁ କାଟୋ କହିଛନ୍ତି, "ଏସିଇ ଭାରତର ଅନ୍ୟତମ ବିଶ୍ୱସନୀୟ ନିର୍ମାଣ ଉପକରଣ ଉତ୍ପାଦନକାରୀ ସଂସ୍ଥା । ଏହାର ଶକ୍ତିଶାଳୀ ଉତ୍ପାଦନ କ୍ଷମତା, ସୁଦୃଢ଼ ସପ୍ଲାୟର ନେଟୱର୍କ ଓ ବ୍ୟାପକ ବଜାର ଉପସ୍ଥିତି ରହିଛି । ଏହି ସହଭାଗିତା ମାଧ୍ୟମରେ କାଟୋର ବିଶ୍ୱ ଉତ୍ପାଦନ ନେଟୱର୍କରେ ଭାରତ ଏକ ନୂତନ ଉତ୍ପାଦନ କେନ୍ଦ୍ର ଭାବେ ଉଭା ହେବ ଏବଂ ଭାରତ ସମେତ ବିଶ୍ୱ ବଜାର ପାଇଁ ଉନ୍ନତ ଓ ନିର୍ଭରଯୋଗ୍ୟ କ୍ରେନ୍ ଯୋଗାଇବ ।" ଏହି ଯୁଗ୍ମ ଉଦ୍ୟମ ଜାପାନୀ ଇଞ୍ଜିନିୟରିଂ, ଭାରତୀୟ ଉତ୍ପାଦନ ଦକ୍ଷତା ଏବଂ ସ୍ଥାନୀୟକରଣକୁ ଏକତ୍ର କରି ଭାରତର ଉଚ୍ଚ କ୍ଷମତାସମ୍ପନ୍ନ କ୍ରେନ୍ ଉତ୍ପାଦନ କ୍ଷେତ୍ରକୁ ନୂଆ ଦିଗ ଦେବ । ପର୍ଯ୍ୟାୟକ୍ରମେ ଅଧିକ ବିନିଯୋଗ ସହ ଏସିଇ କାଟୋ ପ୍ରାଇଭେଟ୍ ଲିମିଟେଡ୍ ଦେଶର ଭିତ୍ତିଭୂମି ବିକାଶକୁ ଗତି ଦେବା ସହ ବିଶ୍ୱ ନିର୍ମାଣ ଉପକରଣ ମୂଲ୍ୟ ଶୃଙ୍ଖଳରେ ଭାରତର ସ୍ଥାନକୁ ଆହୁରି ସୁଦୃଢ଼ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

# ତନେଇରା ପକ୍ଷରୁ ହସ୍ତତନ୍ତ ଶାଢ଼ୀ ଓ ପାରମ୍ପରିକ ପୋଷାକର ସ୍ୱତନ୍ତ୍ର ସଂଗ୍ରହ ଉପରେ ସେଲ୍ ଆରମ୍ଭ

**ଭୁବନେଶ୍ୱର/କଟକ/ରାଉରକେଲା, ୭।୭ (ନି.ପ୍ର) :** ଟାଟାର ଏକ ଉତ୍ପାଦ 'ତନେଇରା' ଏହାର ସେଲ୍ ଆରମ୍ଭ କରିଛି ଯାହା ଗ୍ରାହକମାନଙ୍କୁ ଅସାଧାରଣ ମୂଲ୍ୟରେ ହସ୍ତତ' ଶାଢ଼ୀ ଓ ପୋଷାକ ଘରକୁ ଆଣିବାର ଏକ ସୁଯୋଗ ପ୍ରଦାନ କରୁଛି । ୨୦୨୬ ଜୁଲାଇ ୧ରୁ ଆରମ୍ଭ ହୋଇଥିବା ଏହି ସେଲ ତନେଇରା ଷ୍ଟୋର୍ ଓ ଅନ୍‌ଲାଇନ୍‌ରେ ମନୋନୀତ ଶାଢ଼ୀ ଉପରେ ୪୦% ପର୍ଯ୍ୟ' ରିହାତି ଏବଂ କୁର୍ତ୍ତା ଓ କୁର୍ତ୍ତା ସେଟ୍ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି । 'ଏନ୍‌ସର୍କଲ୍' ସଦସ୍ୟମାନେ ମଧ୍ୟ ସେଲ୍‌ର ପ୍ରଥମ ପାଞ୍ଚ ଦିନ ମଧ୍ୟରେ ଅତିରିକ୍ତ ୫% ରିହାତି ଉପଭୋଗ କରିପାରିବେ । ଏହି ସେଲ୍ ଗ୍ରାହକମାନଙ୍କୁ ସମଗ୍ର ଋତୁରେ ବିବାହ, ପାର୍ବଣ ଉତ୍ସବ ପାଳନ ପାଇଁ ସଦାସର୍ବଦା ପୋଷାକରେ ନିବେଶ କରିବା ପାଇଁ ଏକ ଆଦର୍ଶ ସୁଯୋଗ ପ୍ରଦାନ କରୁଛି ।

ଭାରତର ସମୃଦ୍ଧ ବୟନ ଶିଳ୍ପ ଐତିହ୍ୟକୁ ପାଳନ କରିବା ପାଇଁ ପରିଚିତ ତନେଇରା ଦେଶର ବିଭିନ୍ନ ପ୍ରସିଦ୍ଧ ବୟନ କ୍ଲଷ୍ଟରରୁ ସଂଗୃହିତ ହସ୍ତତନ୍ତ ବୁଣା କାର୍ଯ୍ୟର ଏକ ବ୍ୟାପକ ସଂଗ୍ରହକୁ ଏକାଠି ଆଣିଛି । ଏହି ସେଲରେ ବ୍ରାଣ୍ଡର ବିଭିନ୍ନ ପ୍ରିୟ ଶାଢ଼ୀ ସଂଗ୍ରହ ରହିଛି ଯଥା କାଂଚିପୁରମ୍, ବନାରସୀ, ସାଉଥ୍ ସିଲ୍କ, ଟସର, ଜାମଦାନୀ, ସମ୍ବଲପୁରୀ, ଇକତ୍, ଚାନ୍ଦେରୀ, ମହେଶ୍ୱରୀ, କୋଟା ଡୋରିଆ, ଇତ୍ୟାଦି । ପ୍ରତ୍ୟେକଟି ଶାଢ଼ୀ ଭିନ୍ନ ବୟନ କ୍ଲଷ୍ଟରର ପ୍ରଚଳିତ ପରମ୍ପରାକୁ ପ୍ରତିନିଧିତ୍ୱ କରୁଛି ।

ଗ୍ରାହକମାନେ ଆଗାମୀ ମାସଗୁଡ଼ିକରେ ବିବାହ, ପାର୍ବଣ ଉତ୍ସବ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ କରୁଥିବାରୁ ତନେଇରାର ଏହି ସେଲ୍ ଶୁଦ୍ଧ ଓ ପ୍ରାକୃତିକ କପଡ଼ାରୁ ପ୍ରସ୍ତୁତ ଚିନ୍ତାପୂର୍ବକ ସଂଗୃହିତ ହସ୍ତତନ୍ତ ଶାଢ଼ୀ ସହିତ ଚମତ୍କାର କୁର୍ତ୍ତା, କୁର୍ତ୍ତା ସେଟ୍, ବ୍ଲାଉଜ୍ ଓ ଅଣ-ସିଲେଇ ପୋଷାକର ଏକ ସଂଗ୍ରହକୁ ଅନୁସନ୍ଧାନ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି । ଚିର'ନ ତଥା ଉତ୍ତରାଧିକାରୀ-ଯୋଗ୍ୟ ଶାଢ଼ୀ ଚୟନ କରିବା ହେଉ କିମ୍ବା ପ୍ରତ୍ୟେକ ଉତ୍ସବ ପାଇଁ ସମସାମୟିକ ପାରମ୍ପରିକ ପୋଷାକ ପର୍ଯ୍ୟନ୍ତ ଗ୍ରାହକମାନେ ଏଭଳି ଶୈଳୀ ଆବିଷ୍କାର କରିପାରିବେ ଯାହା ଭାରତର ସମୃଦ୍ଧ ବୟନ ଐତିହ୍ୟକୁ ସୁନ୍ଦର ଭାବରେ ପ୍ରତିଫଳିତ କରିବ ।

ତନେଇରାର ମୂଳ ଚେତନା ମଧ୍ୟରେ ବିଶ୍ୱସନୀୟତା ଓ ଶୁଦ୍ଧତା ପ୍ରତି ଏକ ଅଟଳ ପ୍ରତିବଦ୍ଧତା ରହିଛି । ପ୍ରତ୍ୟେକ ଶୁଦ୍ଧ ରେସମ ଶାଢ଼ୀ 'ସିଲ୍କ ମାର୍କ' ଦ୍ୱାରା ପ୍ରମାଣିତ ଓ ମନୋନୀତ ସଂଗ୍ରହଗୁଡ଼ିକରେ 'ଜରି ପ୍ରମାଣପତ୍ର' ମଧ୍ୟ ରହିଛି ଯାହା ବ୍ରାଣ୍ଡର ପ୍ରକୃତ ଗୁଣବତ୍ତାର ପ୍ରତିଶ୍ରୁତିକୁ ଦୃଢ଼ କରିଥାଏ । ବିଶ୍ୱାସର ସ୍ଥାୟୀ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହୋଇ ତନେଇରା ଦେଶର ବୟନ ପରମ୍ପରାକୁ ପାଳନ ଓ ସଂରକ୍ଷଣ କରିବା ସହିତ ସଚେତନ ଗ୍ରାହକମାନଙ୍କ ପାଇଁ ହସ୍ତତନ୍ତର ଉତ୍କୃଷ୍ଟତାକୁ ସହଜଲଭ୍ୟ କରିବା ଜାରି ରଖିଛି । ଏହି ସେଲ୍ ବିଷୟରେ ତନେଇରାର ମୁଖ୍ୟ ବିକ୍ରୟ ଓ ବିପଣନ ଅଧିକାରୀ ଶ୍ରୀଯୁକ୍ତ ସୋମପ୍ରଭ କୁମାର ସିଂ କହିଛନ୍ତି ଯେ, 'ତନେଇରାରେ ପ୍ରତ୍ୟେକ ସୃଷ୍ଟି ଭାରତର ସମୃଦ୍ଧ ବୟନ ଐତିହ୍ୟରେ ନିହିତ ଓ ବିଶ୍ୱସନୀୟତା ସହିତ ପ୍ରସ୍ତୁତ । ଏହି ସିଜନ୍ ସେଲ୍ ମାଧ୍ୟମରେ ଆମେ ଗ୍ରାହକମାନଙ୍କୁ ଚିନ୍ତାପୂର୍ବକ ସଂଗୃହିତ ହସ୍ତତନ୍ତ ଶାଢ଼ୀ ଓ ପୋଷାକର ଏକ ସଂଗ୍ରହକୁ ଅନୁସନ୍ଧାନ କରିବା ପାଇଁ ଆମନ୍ତ୍ରଣ କରୁଛୁ ଯାହା କାରିଗରୀ ଓ ସ୍ଥାୟୀ ଶୈଳୀକୁ ପାଳନ କରୁଛି । ତନେଇରା ଷ୍ଟୋର୍ ପରିଦର୍ଶନ କରନ୍ତୁ କିମ୍ବା www.taneira.com ରେ ଅନ୍‌ଲାଇନ୍‌ରେ କିଣାକିଣି କରନ୍ତୁ ଏବଂ ବିଶେଷ ଅଫରଗୁଡ଼ିକର ଆନନ୍ଦ ନିଅନ୍ତୁ ।

# କୋମାକି ପକ୍ଷରୁ ନୂତନ ଏମଜି ପ୍ରୋ ଭି ଓ ଏମଜି ପ୍ରୋ+

**ଭୁବନେଶ୍ୱର, ୭।୭ (ନି.ପ୍ର) :** ଅଗ୍ରଣୀ ଇଲେକ୍‌ଟ୍ରିକ ଯାନ ବ୍ରାଣ୍ଡ 'କୋମାକି' ପକ୍ଷରୁ ଏହାର ଏମ୍‌ଜି ପ୍ରୋ ଭି ଏବଂ ଏମ୍‌ଜି ପ୍ରୋ+ ଇଲେକ୍ଟ୍ରିକ୍ ସ୍କୁଟରର ଶୁଭାରମ୍ଭ କରାଯାଇଛି ଯାହାର ମୂଲ୍ୟ ଯଥାକ୍ରମେ ୭୩,୯୯୯ ଟଙ୍କା ଓ ୭୯,୯୯୯ ଟଙ୍କା ରହିଛି । ଏହି ଇଲେକ୍‌ଟ୍ରିକ ସ୍କୁଟରଗୁଡିକ ସମ୍ପୂର୍ଣ୍ଣ ଅଲ୍-ମେଟାଲ ବଡିରେ ଆସୁଛି , ଯାହା ଏହି ମୂଲ୍ୟ ବର୍ଗରେ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ବଜାରରେ ବହୁତ କମ୍ ଦେଖିବାକୁ ମିଳେ । ଏହି ବର୍ଗର ଅଧିକାଂଶ ଇଲେକ୍ଟ୍ରିକ୍ ସ୍କୁଟର ଫାଇବର ବଡି ପ୍ୟାନେଲ ଉପରେ ନିର୍ଭର କରୁଥିବା ବେଳେ, କୋମାକି ଏକ ମେଟାଲ-ବଡି ବିକଳ୍ପ ଆଣିଛି ଯାହା ଅଧିକ ଶକ୍ତି, ବର୍ଦ୍ଧିତ ସ୍ଥାୟୀତ୍ୱ ଏବଂ ଏକ ନିର୍ଭରଯୋଗ୍ୟ ସୁଦୃଢ଼ ରାଇଡିଂ ଅଭିଜ୍ଞତା ପ୍ରଦାନ କରେ । ଏମଜି ପ୍ରୋ ଭି ଗୋଟିଏ ଥର ଚାର୍ଜରେ ୯୦-୧୦୦ କିମି ପର୍ଯ୍ୟନ୍ତ ଚାଲିଥାଏ, ସେହିପରି ଏମଜି ପ୍ରୋ+ର ରେ ୧୫୦ କିମିରୁ ଅଧିକ ରହିଛି, ଯାହା ଉଭୟ ମଡେଲକୁ ଦୈନନ୍ଦିନ ଯାତାୟାତ ଏବଂ ସହର ଭିତରେ ଦୂର ଯାତ୍ରା ପାଇଁ ଉପଯୁକ୍ତ କରିଥାଏ । ବିଏଲଡିସି ହବ୍ ମୋଟର ଏବଂ ଅତ୍ୟାଧୁନିକ ଲିପୋ୪ ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏହି ସ୍କୁଟରଗୁଡ଼ିକୁ କମ୍ ରକ୍ଷଣାବେକ୍ଷଣ ସହିତ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି ।




ଅଲ୍-ମେଟାଲ ବଡି ବ୍ୟତୀତ, ଉଭୟ ସ୍କୁଟର ସୁବିଧା ଏବଂ ନିରାପତା ବୃଦ୍ଧି କରୁଥିବା ବୈଶିଷ୍ଟ୍ୟଗୁଡିକ ସହିତ ସଜ୍ଜିତ, ଯେଉଁଥିରେ ମୋବାଇଲ୍ ଆପ୍ କନେକ୍ଟିଭିଟି, ଫ୍ରଂଟ ଡିସ୍କ ବ୍ରେକ୍, ଟେଲିସ୍କୋପିକ୍ ସସପେନ୍ସନ୍, ଆଂଟି-ଥେଫ୍ଟ ଲକ୍, ପାର୍କିଂ ଆସିଷ୍ଟ, ରିପେୟାର ସୁଇଚ୍ ଏବଂ ଏକ ପ୍ରଶସ୍ତ ରାଇଡିଂ ପ୍ଲାଟଫର୍ମ ଅ'ର୍ଭୁକ୍ତ । ଏମଜି ପ୍ରୋ+ ଅଧିକ ବୁଟ୍ ସ୍ପେସ୍ ପ୍ରଦାନ କରିଥାଏ । ଏହି ଶୁଭାରମ୍ଭ ସମ୍ପର୍କରେ କୋମାକି ଇଲେକ୍ଟ୍ରିକ୍ ଭେହିକଲ୍ସର ସହ-ପ୍ରତିଷ୍ଠାତା ଗୁନ ମଲହୋତ୍ରା କହିଛନ୍ତି, 'ଏମ୍‌ଜି ପ୍ରୋ ଭି ଏବଂ ଏମ୍‌ଜି ପ୍ରୋ+ ସହିତ, ଆମେ ଗ୍ରାହକମାନଙ୍କୁ ଏପରି ସୁବିଧା ପ୍ରଦାନ କରିବାକୁ ଚାହୁଁଥିଲୁ ଯାହା ପାରମ୍ପରିକ ଭାବରେ ଅଧିକ ମୂଲ୍ୟବାନ ଗାଡ଼ିଗୁଡ଼ିକରେ ଦେଖିବାକୁ ମିଳେ । ଏଥିରେ ଏକ ଶକ୍ତିଶାଳୀ ମେଟାଲ ବଡି ଏବଂ ନିରାପଦ, ଦୀର୍ଘସ୍ଥାୟୀ ଲାଇଫପିଓ୪ ବ୍ୟାଟେରୀ ରହିଛି, ଯାହାର ଜୀବନକାଳ ବଜାରରେ ଉପଲବ୍ଧ ଅନେକ ଇଲେକ୍ଟ୍ରିକ୍ ଦୁଇଚକିଆ ଏବଂ ଆଇସିଇ ଗାଡ଼ି ତୁଳନାରେ ଅଧିକ । ଏହା ପ୍ରିମିୟମ୍ ଗୁଣବତା, ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଂଚାଇବା ପାଇଁ ଆମର ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି ।

# ଆମାଜନ ଡଟ୍ ଇନରେ ଲଂଚ ହେବ ୟେଜ୍‌ଦି ସ୍କ୍ରାମ୍ବଲର

**ଭୁବନେଶ୍ୱର, ୭।୭ (ନି.ପ୍ର) :** ଜାୱା ୟେଜଦି ମୋଟରସାଇକେଲ୍ସ ଭାରତର ସବୁଠାରୁ ବଡ଼ ଅନଲାଇନ୍ ସପିଂ ଉତ୍ସବରେ ପ୍ରକୃତ ସ୍କ୍ରାମ୍ବଲର୍ ମୋଟରସାଇକ୍ଲିଂର ଉତ୍ସାହକୁ ଆଣିଛି । ସ୍ୱତନ୍ତ୍ର ଭାବେ ନିର୍ମିତ ୟେଜଦି ସ୍କ୍ରାମ୍ବଲର୍ ଆସନ୍ତା ୪ ରୁ ୬ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ପ୍ରାଇମ୍ ଡେ ସେଲ୍ ସମୟରେ ଆମାଜନ ଡଟ୍ ଇନ୍‌ର ନୂତନ ଲଂଚ ଷ୍ଟୋରରେ ଉପଲବ୍ଧ ହେବ, ଯାହା ପ୍ରାଇମ୍ ସଦସ୍ୟମାନଙ୍କୁ ଭାରତର ଅନ୍ୟତମ ସ୍ୱତନ୍ତ୍ର ପର୍‌ଫରମାନ୍ସ-କ୍ଲାସିକ୍ ମୋଟରସାଇକେଲ୍ କିଣିବାର ସୁଯୋଗ ଦେବ । ସମ୍ପୂର୍ଣ୍ଣ ନୂତନ ୩୫୦ ସିସି ଲିକ୍ୱିଡ୍-କୁଲ୍ଡ କାଟାର ଇନ୍ ଦ୍ୱାରା ପରିଚାଳିତ, ଏହି ମୋଟରସାଇକେଲ ହେଉଛି ଭାରତର ସବୁଠାରୁ ହାଲୁକା ସ୍କ୍ରାମ୍ବଲର, ଯାହା ବ୍ରିସ୍କ ଲୋ-ଏଣ୍ଡ କାର୍ଯ୍ୟଦକ୍ଷତା, ମଜବୁତ ନିୟନ୍ତ୍ରଣ ଓ ଉପଯୁକ୍ତ ଏର୍ଗୋନୋମିକ୍ସ ପ୍ରଦାନ କରୁଛି । ରାଇଡର୍ସମାନେ ଆମାଜନ ଡଟ୍ ଇନରେ ୟେଜଦି ସ୍କ୍ରାମ୍ବଲର୍ ବୁକ୍ କରିପାରିବେ ଏବଂ ବ୍ରାଣ୍ଡର ସାରା ଦେଶରେ ଥିବା ୪୦୦+ ଡିଲରସିପ୍ ନେଟୱାର୍କ ମାଧ୍ୟମରେ ସେମାନଙ୍କର ମାଲିକାନା ଯାତ୍ରା ସମ୍ପୂର୍ଣ୍ଣ କରିପାରିବେ । ୧,୯୯,୯୫୦ ଟଙ୍କାର (ଏକ୍ସ-




ଶୋରୁମ୍ ଦିଲ୍ଲୀ) ପ୍ରାରମ୍ଭିକ ମୂଲ୍ୟର ଏହି ମୋଟରସାଇକେଲର ପ୍ରାଇମ୍ ଡେ ଡେବ୍ୟୁ, କମ୍ପାନୀ ଦ୍ୱାରା ଆଉ ଏକ ନିର୍ଣ୍ଣାୟକ ପଦକ୍ଷେପକୁ ସୂଚିତ କରୁଛି ।

ଜାୱା ୟେଜଦି ମୋଟରସାଇକେଲର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, 'ଭାରତରେ ସ୍କ୍ରାମ୍ବଲର ବର୍ଗର ଆରମ୍ଭ କରିଥିବା ମୋଟରସାଇକେଲ ଭାବେ, ୟେଜଦି ସ୍କ୍ରାମ୍ବଲର ପ୍ରକୃତ ଆଧୁନିକ ମୋଟରସାଇକେଲ ଚାଳନାର ଅନୁଭବକୁ ପୁନଃନିର୍ଦ୍ଧାରିତ କରିଛି । ପ୍ରାଇମ୍ ଡେ' ପାଇଁ ଆମାଜନ ସହିତ ସହଭାଗିତା ମାଧ୍ୟମରେ ନିଜ ନିଜ କ୍ଷେତ୍ରର ଦୁଇଟି ଅଗ୍ରଣୀ ସଂସ୍ଥା ଏକାଠି ହୋଇଛନ୍ତି, ଯାହା ଆମକୁ ୟେଜଦି ସ୍କ୍ରାମ୍ବଲରର ମନୋଭାବକୁ ସେହି ବିସ୍ତୃତ ପିଢ଼ିର ଚାଳକମାନଙ୍କ ପାଖକୁ ନେଇଯିବାରେ ସାହାଯ୍ୟ କରୁଛି, ଯେଉଁମାନେ ପ୍ରତ୍ୟେକ ଯାତ୍ରାରେ ରୋମାଂଚ ଖୋଜନ୍ତି ।' ଆମାଜନ ପ୍ରାଇମ୍ ଡେ' ସମୟରେ ୟେଜଦି ସ୍କ୍ରାମ୍ବଲର୍ କିଣୁଥିବା ଗ୍ରାହକମାନେ ଅନେକ ସ୍ୱତନ୍ତ୍ର ସୁବିଧା ପାଇପାରିବେ, ଯେଉଁଥିରେ ନୋ କଷ୍ଟ ଇଏମ୍ଆଇ, ନିର୍ଦ୍ଦିଷ୍ଟ କ୍ରେଡିଟ୍ କାର୍ଡ ଉପରେ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ତତ୍କାଳ ରିହାତି, ପ୍ରାଇମ୍ ସଦସ୍ୟଙ୍କ ପାଇଁ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହିତ ୫% କ୍ୟାସବ୍ୟାକ୍ (ଅଣ-ପ୍ରାଇମ୍ ଗ୍ରାହକଙ୍କ ପାଇଁ ୩%; ଇଏମ୍ଆଇ ଅର୍ଡର ଏବଂ ଆମାଜନ ବିଜନେସ୍ କାରବାରରେ ପ୍ରଯୁଜ୍ୟ ନୁହେଁ), ଏବଂ ଯୋଗ୍ୟ ବ୍ୟବସାୟିକ କ୍ରୟ ଉପରେ ୧୮% ପର୍ଯ୍ୟନ୍ତ ଜିଏସ୍‌ଟି ଇନଭଏସ୍ ସୁବିଧା ଅନ୍ତର୍ଭୁକ୍ତ ରହିଛି ।

# ରାୟଗଡ଼ରେ ଯୁଗ୍ମଅଭିଯୋଗ ଶୁଣାଣି

**ରାୟଗଡ଼ , ୭/୭ (ନି.ପ୍ର):** ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ସଭାରେ ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ବୈଠକରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରାସାଦ, ବନ ବିଭାଗର ଅଧିକାରୀ ଶ୍ରୀ ସଚିନ୍ ଆନ୍ନା ସାହେବ ଓହଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ନରେନ୍ଦ୍ର ନାଥ ମହାପାତ୍ର, ଉପ ଜିଲ୍ଲାପାଳ ଶ୍ରୀ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ଚେଷ୍ଟା ଜାରି ଥିଲେ ।



ଏଥିରେ ମୋଟ ୬୫ ଟି ଅଭିଯୋଗ ପଞ୍ଜିକୃତ କରା ଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ୪୭ ଏବଂ ୧୮ ଟି ସାମୁହିକ ଅଭିଯୋଗ ଶୁଣାଣି କରାଯାଇଥିଲା । ଉକ୍ତ ଅଭିଯୋଗ ଗୁଡିକ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଆଦେଶ ଦେଇଥିଲେ ।

# ଇପିଏଫଓ ପ୍ଲାଟଫର୍ମରେ ଲାଇଭ ହୋଇଛି ଆଇଡିଏଫସି ଫାର୍ଷ୍ଟ ବ୍ୟାଙ୍କ

IDFC FIRST Bank

**ଭୁବନେଶ୍ୱର, ୭।୭ (ନି.ପ୍ର) :** ଆଇଡିଏଫସି ଫାଷ୍ଟ ବ୍ୟାଙ୍କ, ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) ସହିତ ସମନ୍ୱୟ ମାଧ୍ୟମରେ ଭବିଷ୍ୟ ନିଧି (ପିଏଫ) ପେମେଂଟ ସେବା ଆରମ୍ଭ କରିଛି । ଏହି ଏକତ୍ରିକରଣ ପ୍ରତିଷ୍ଠାନଗୁଡ଼ିକୁ ସିଧାସଳଖ ଇପିଏଫଓ ପୋର୍ଟାଲ ମାଧ୍ୟମରେ ପିଏଫ୍ ପେମେଂଟ କରିବା ଏବଂ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ରିଟେଲ ଓ କର୍ପୋରେଟ ଇଂଟରନେଟ ବ୍ୟାଙ୍କିଙ୍ଗ ପ୍ଲାଟଫର୍ମ ମାଧ୍ୟମରେ ସହଜରେ ଟ୍ରାନ୍ସକ୍ସନ ସମ୍ପୂର୍ଣ୍ଣ କରିବାକୁ ସକ୍ଷମ କରିଥାଏ । ଏହି ସମାଧାନ ଏକ ସୁରକ୍ଷିତ ଓ ସମ୍ପୂର୍ଣ୍ଣ ଡିଜିଟାଲ ଅଭିଜ୍ଞତା ପ୍ରଦାନ କରିଥାଏ, ଯେଉଁଥିରେ ରିଅଲ-ଟାଇମ୍ ଟ୍ରାନ୍ସକ୍ସନ୍ ନିଶ୍ଚିତକରଣ, ଏକ ସହଜ ୟୁଜର ଇଂଟରଫେସ୍ ଏବଂ ସହଜରେ ରେକର୍ଡ ରଖିବା ଓ ମେଳ କରିବା ପାଇଁ ଇନ୍‌ଷ୍ଟାଂଟ ଚାଲାଣ ଡାଉନଲୋଡ୍ କରିବାର ସୁବିଧା ରହିଛି ।

ଏହି ଶୁଭାରମ୍ଭ ସମ୍ପର୍କରେ ମତ ରଖି ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ରିଟେଲ ଲାଏବିଲିଟିଜ୍ ମୁଖ୍ୟ ଶ୍ରୀ ଆଶିଷ ସିଂ କହିଛନ୍ତି, 'ଆମେ ବୁଝିପାରୁଛୁ ଯେ ସମୟାନୁବର୍ତୀ ଆଇନଗତ ଅନୁପାଳନ ପ୍ରତ୍ୟେକ ବ୍ୟବସାୟ ପାଇଁ ଏକ ପ୍ରାଥମିକତା ଅଟେ ଏବଂ ଆମେ ବିଶ୍ୱାସ କରୁଛୁ, ଏହି ପେମେଂଟଗୁଡ଼ିକୁ ପରିଚାଳନା କରିବା ସରଳ ଏବଂ ଚାପମୁକ୍ତ ହେବା ଉଚିତ୍ । ଆମର ଇପିଏଫଓ (ଇପିଏଫଓ) ଏକତ୍ରିକରଣ ସହିତ, ଗ୍ରାହକମାନେ ବର୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଦ୍ରୁତ, ନିରାପଦ ଏବଂ ସହଜରେ ପ୍ରୋଭିଡେଂଟ ଫଣ୍ଡ ପେମେଂଟ କରିପାରିବେ । ବ୍ୟାଙ୍କିଙ୍ଗକୁ ସରଳ କରିବା ଏବଂ ସମୟ ବଂଚାଉଥିବା, ପରିଶ୍ରମ କମାଉଥିବା ଏବଂ ଆମ ଗ୍ରାହକମାନଙ୍କୁ ଏକ ଉନ୍ନତ ଅଭିଜ୍ଞତା ପ୍ରଦାନ କରୁଥିବା ସମାଧାନ ପ୍ରଦାନ କରିବା ପାଇଁ ଆମର ନିରନ୍ତର ପ୍ରୟାସର ଏହା ଏକ ଅଂଶ ଅଟେ ।' ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ହେଉଛି ସେହି କିଛି ବ୍ୟାଙ୍କ ମଧ୍ୟରୁ ଅନ୍ୟତମ, ଯାହା ପ୍ରତ୍ୟକ୍ଷ ଟିକସ (ସିବିଡିଟି), ଜିଏସଟି, କଷ୍ଟମ୍ସ ଡ୍ୟୁଟି ଏବଂ ଇପିଏଫଓ ସମେତ ସାମ୍ବିଧାନିକ ଦେୟଗୁଡ଼ିକୁ ସମର୍ଥନ କରିବା ପାଇଁ ଅନୁମୋଦିତ, ଯାହା ଗ୍ରାହକଙ୍କୁ ସମସ୍ତ ବ୍ୟାଙ୍କିଙ୍ଗ ଆବଶ୍ୟକତା ପାଇଁ ଏକକ, ସମନ୍ୱିତ ପ୍ଲାଟଫର୍ମରେ ସମାଧାନର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରିଥାଏ । ଇପିଏଫଓ ସମନ୍ୱୟ ବ୍ୟବସାୟଗୁଡ଼ିକୁ ବର୍ଷସାରା ସହଜରେ ଡିଜିଟାଲ୍ ପେମେଂଟ କରିବାକୁ ସକ୍ଷମ କରିଥାଏ, ଯାହା ଦକ୍ଷ ନଗଦ ପ୍ରବାହ ପରିଚାଳନା ଏବଂ ସମୟାନୁବର୍ତୀ ସାମ୍ବିଧାନିକ ଅନୁପାଳନକୁ ସମର୍ଥନ କରିଥାଏ । ଏସମ୍ପର୍କିତ ଅଧିକ ସୂଚନା https://www.idfcfirst.bank.in/business-banking/tax-payment ରେ ଉପଲବ୍ଧ ରହିଛି ।

# ଭାରତର ଏସିଏମଇ ଗ୍ରୀନ୍ ମଲିକ୍ୟୁଲ୍ସ ବିଜନେସ୍ ଏବଂ ଜାପାନର ମିତ୍ସୁବିସି ଗ୍ୟାସ୍ କେମିକାଲ୍ ଦୀର୍ଘକାଳୀନ ସବୁଜ ମିଥାନଲ୍ ଯୋଗାଣ ଚୁକ୍ତିନାମା ସ୍ୱାକ୍ଷର

**ଭୁବନେଶ୍ୱର, ୭।୭ (ନି.ପ୍ର):** ଭାରତର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ବ୍ୟବସାୟ ଏବଂ ସ୍ଥାୟୀ ସମାଧାନ ଅଗ୍ରଣୀ ଏସିଏମଇ ଗ୍ରୁପର ଏକ ଅଂଶ, ଏସିଏମଇ ଗ୍ରୀନ୍ ମଲିକ୍ୟୁଲ୍ସ ବିଜନେସ୍, ସବୁଜ ମିଥାନଲ୍ ଯୋଗାଣ ପାଇଁ ପ୍ରତିବର୍ଷ ୧୦୦,୦୦୦ ଟନ୍ ପାଇଁ ଏକ ବାଧ୍ୟତାମୂଳକ ଦୀର୍ଘକାଳୀନ କ୍ରୟ ଏବଂ ବିକ୍ରୟ ଚୁକ୍ତିନାମା ସ୍ୱାକ୍ଷର କରିଛି । ଏହି ଦୀର୍ଘକାଳୀନ ଚୁକ୍ତିନାମାରେ ଆନୁମାନିକ ନିବେଶ ପ୍ରାୟ ୧ ବିଲିୟନ ଆମେରିକୀୟ ଡଲାର । ଏସିଏମଇ ଗ୍ରୀନ୍ ମଲିକ୍ୟୁଲ୍ସ ଏବଂ ମିତ୍ସୁବିସି ଗ୍ୟାସ୍ କେମିକାଲ୍ ? ମଧ୍ୟରେ ଏହି ଚୁକ୍ତିନାମା, ଏକ ଭାରତୀୟ କମ୍ପାନୀ ଦ୍ୱାରା ପ୍ରଥମ ଆରଏଫଏନବିଓ -ଅନୁପାଳନକାରୀ ସବୁଜ ସାମୁଦ୍ରିକ ଇନ୍ଧନ ସହଯୋଗ । ଏହା ପାରମ୍ପରିକ ସାମୁଦ୍ରିକ ଇନ୍ଧନ ପାଇଁ କମ-କାର୍ବନ ବିକଳ୍ପରେ ଭାରତକୁ ଏକ ଅଗ୍ରଣୀ ଭାବରେ ସ୍ଥାନିତ କରେ । ବିଦ୍ୟମାନ ଜାହାଜ ଏବଂ ବନ୍ଦର ଭିତ୍ତିଭୂମି ସହିତ ସୁସଙ୍ଗତ ତରଳ ଇନ୍ଧନ ଭାବରେ କାର୍ଯ୍ୟ କରିବା ସହିତ ଜୀବନଚକ୍ର ସିଓ୨ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବାର କ୍ଷମତା ଯୋଗୁଁ ସବୁଜ ମିଥାନଲ ଭାରୀ ଇନ୍ଧନ ତେଲ (ଏଚଏଫଓ), ଅତି କମ ସଲଫର ଇନ୍ଧନ ତେଲ



(ଭିଏଲଏସଏଫଓ), ଏବଂ ସାମୁଦ୍ରିକ ଗ୍ୟାସ ତେଲ (ଏମଜିଓ) ପାଇଁ ଏକ ବାଣିଜ୍ୟିକ ଭାବରେ ଉପଯୁକ୍ତ ବିକଳ୍ପ ଭାବରେ ଲୋକପ୍ରିୟତା ହାସଲ କରୁଛି - ବର୍ତ୍ତମାନର ସିଷ୍ଟମରେ କେବଳ ସାମାନ୍ୟ ପରିବର୍ତ୍ତନ ଆବଶ୍ୟକ । ଏସିଏମଇ ଗ୍ରୀନ୍ ମଲିକ୍ୟୁଲ୍ସ ବ୍ୟବସାୟର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ଶ୍ରୀ ଅନିଲ ଟାପାରିଆଙ୍କ ଅନୁଯାୟୀ, 'ଏହି ଚୁକ୍ତିନାମା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସବୁଜ ମିଥାନଲ ବ୍ୟବସାୟ ଗଠନ ଏବଂ ସାମୁଦ୍ରିକ ଏବଂ ବିମାନ ଚଳାଚଳ କ୍ଷେତ୍ରରେ ସ୍ଥାୟୀ ଇନ୍ଧନ ଏବଂ ରାସାୟନିକ ପଦାର୍ଥକୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଏସିଏମଇ ଗ୍ରୁପର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରେ । ଆମେ ସ୍କେଲରେ ସବୁଜ ମିଥାନଲର ବାଣିଜ୍ୟୀକରଣକୁ ଆଗକୁ ବଢ଼ାଇବା ପାଇଁ ମିଥାନଲ ଶିଳ୍ପରେ ବିଶ୍ୱସ୍ତରୀୟ ସମ୍ମାନଜନକ ଲିଡର ଏମଜିସି ସହିତ ସହଭାଗୀତା ପାଇଁ ଗର୍ବିତ ।'

ମିତ୍ସୁବିସି ଗ୍ୟାସ୍ କେମିକାଲର ଗ୍ରୀନ୍ ଏନର୍ଜି ଆଣ୍ଡ କେମିକାଲ୍ସ ବ୍ୟବସାୟ କ୍ଷେତ୍ରର ମ୍ୟାନେଜିଂ ଏକ୍ ?ଜିକ୍ୟୁଟିଭ୍ ଅଫିସର ଶ୍ରୀ ହିଡେକି ଆକାସେ କହିଛନ୍ତି, ' ଏସିଏମଇ ଗ୍ରୁପ୍ ନୂତନ ବ୍ୟବସାୟ କ୍ଷେତ୍ରରେ ନିରନ୍ତର ନୂତନ ଢାଞ୍ଚା ସୃଷ୍ଟି କରିଛି, ବର୍ତ୍ତମାନ ଗ୍ରୀନ୍ ମିଥାନଲ୍ କ୍ଷେତ୍ରରେ ଚ୍ୟାଲେଞ୍ଜ ଦେଇ ଗତି କରିବାକୁ ଚେଷ୍ଟା କରୁଛି । ଏହି ଗ୍ରୀନ୍ ମିଥାନଲ୍ କ୍ରୟ କରିବା ଏବଂ ସେହି ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବାରେ ଯୋଗଦାନ ଦେବା ପାଇଁ ଆମେ ଏକ ଦୀର୍ଘକାଳୀନ ଚୁକ୍ତିନାମା ସମାପ୍ତ କରି ସମ୍ମାନିତ । ଏହି ଚୁକ୍ତିନାମା ଅନୁଯାୟୀ ଏମଜିସି ଯେଉଁ ଗ୍ରୀନ୍ ମିଥାନଲ୍ ନେବ, ସେଥିରେ ଇୟୁ ନିୟମାବଳୀ ଏବଂ ଭବିଷ୍ୟତର ଆଇଏମଓ ନିୟମାବଳୀ ସହିତ ଅଲ୍ଟ୍ରା-କମ୍ କାର୍ବନ ତୀବ୍ରତା ରହିବ, ଏହା ସହିତ ସବୁଜ ବଜାର ପାଇଁ ଏକ ଆକର୍ଷଣୀୟ ମୂଲ୍ୟ ମଧ୍ୟ ରହିବ । ଆମେ ନିଶ୍ଚିତ ଯେ ଏହି ସବୁଜ ମିଥାନଲ୍ କେବଳ ଜାପାନ କିମ୍ବା ଏସିଆରେ ନୁହେଁ ବରଂ ବିଶ୍ୱ ସବୁଜ ରାସାୟନିକ ଏବଂ ସବୁଜ ଶକ୍ତି ବଜାରରେ ମଧ୍ୟ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବାର ଶକ୍ତି ରଖିଛି । ମିଥାନଲ୍ ସମ୍ଭାବନା ଦ୍ୱାରା ଏକ ସ୍ଥାୟୀ ସମାଜ ପାଇଁ ବିଶ୍ୱ ପରିବର୍ତ୍ତନରେ ଯୋଗଦାନ ଦେବା ନିମନ୍ତେ ଆମେ ଏସିଏମଇ ଗ୍ରୁପ୍ ସହିତ ସହଯୋଗ ଜାରି ରଖିବୁ । ପାରାଦୀପରେ ଥିବା ସବୁଜ ମିଥାନଲ୍ ସୁବିଧା ଏସିଏମଇ ଗ୍ରୁପ୍ ର ଓଡ଼ିଶାରେ ତୃତୀୟ ପ୍ରମୁଖ ରଣନୈତିକ ନିବେଶ, ଯାହା ଗ୍ରୁପ୍ ର ସବୁଜ ଅଣୁ ବ୍ୟବସାୟ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିଥାଏ । ଓଡ଼ିଶାରେ ଏସିଏମଇ ର ପୂର୍ବ ପ୍ରତିଶ୍ରୁତି ମଧ୍ୟରେ ଗୋପାଳପୁରରେ ୪୦୫,୦୦୦ ଟିପିଏ ସବୁଜ ଆମୋନିଆ ସୁବିଧା ଅନ୍ତର୍ଭୁକ୍ତ - ଜାପାନ-ଭିତ୍ତିକ ଆଇଏଚଆଇ କର୍ପୋରେସନ ସହିତ ମିଳିତ ଉଦ୍ୟମ ମାଧ୍ୟମରେ ବିକଶିତ ଏବଂ ପାରାଦୀପରେ ଆଉ ଏକ ୮୦୦,୦୦୦ ଟିପିଏ ସବୁଜ ଆମୋନିଆ ସୁବିଧା - ଭାରତର ସାର କ୍ଷେତ୍ରକୁ ଯୋଗାଣ ପାଇଁ ଏସଆଇଜିଏଚଟି (ଷ୍ଟ୍ରାଟେଜିକ୍ ଇଣ୍ଟରଭେନସନ୍ସ ଫର୍ ଗ୍ରୀନ୍ ହାଇଡ୍ରୋଜେନ୍ ଟ୍ରାଞ୍ଜିସନ୍) ଯୋଜନା, ମୋଡ୍-୨ଏ, ଟ୍ରାଞ୍ଚ-ଓ ଅନ୍ତର୍ଗତ ସୌର ଶକ୍ତି ନିଗମ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏସଇସିଆଇ) ସହିତ ଏକ ସବୁଜ ଆମୋନିଆ କ୍ରୟ ଚୁକ୍ତିନାମା ଦ୍ୱାରା ଆଙ୍କର୍ କରାଯାଇଛି । ଓଡ଼ିଶାରେ ଏସିଏମଇ ଗ୍ରୁପ୍ ର ସବୁଜ ଶକ୍ତି ପ୍ରକଳ୍ପଗୁଡ଼ିକୁ ସ୍ୱଚ୍ଛ ଶକ୍ତି ସମାଧାନର ବିଶ୍ୱ ଯୋଗାଣ ପାଇଁ ଡିଜାଇନ୍ କରାଯାଇଥିବା ଦୀର୍ଘକାଳୀନ, ବ୍ୟାଙ୍କଯୋଗ୍ୟ, ବଡ଼ ଧରଣର ପଦକ୍ଷେପ ଭାବରେ ଡିଜାଇନ୍ କରାଯାଇଛି ।

# ନୌସେନା ନିଯୁକ୍ତିରେ ସାମନ୍ତରାୟ ଏକାଡେମୀର ୨୮ ଜଣ ଛାତ୍ରଛାତ୍ରୀ ମନୋନୀତ

ବ୍ରହ୍ମପୁର,୭।୭: ସ୍ଥାନୀୟ ଗୋଷାଣୀନୂଆଗାଁ ସ୍ଥିତ ସାମନ୍ତରାୟ ଏକାଡେମୀ ପରିସରରେ ଆଜି ଏକାଡେମୀ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା । ଏଥିରେ କୃତି ଛାତ୍ରଛାତ୍ରୀ ଏବଂ ତାଙ୍କ ଅଭିବାବକ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତେବେ ସୂଚନା ଅନୁସାରେ ନିକଟରେ ଅନୁଷ୍ଠିତ ହୋଇଥିବା ଭାରତୀୟ ନୌସେନା ପାଇଁ ସର୍ବ ଭାରତୀୟ ସ୍ତରରେ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏଥିରେ ସାମନ୍ତରାୟ ଏକାଡେମୀର ୨୮ ଜଣ ଛାତ୍ରଛାତ୍ରୀ ସର୍ବ ଭାରତୀୟ ସ୍ତରର ନୌସେନାରେ ମନୋନୀତ ହୋଇଛନ୍ତି। ତେବେ ସଫଳ ଛାତ୍ରଛାତ୍ରୀ ମାନେ ନୌସେନା ଦ୍ୱାରା ଅନୁଷ୍ଠିତ ସର୍ବ ଭାରତୀୟ ପରୀକ୍ଷାରେ ଦୁଇ ଦୁଇଟି ଲିଖିତ ପରୀକ୍ଷା ଦେଇ ସଫଳତା ହାସଲ କରିବା ପରେ ଶାରୀରିକ ଦକ୍ଷତା ଓ ମେଡିକାଲ ଟେଷ୍ଟ ଗୁଡିକ ମଧ ସଫଳତାର ସହ ଉତୀର୍ଣ୍ଣ ହୋଇ ମେରିଟରେ ସ୍ଥାନ ଅଧିକାର କରିଛନ୍ତି। ତେବେ ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶେଷତଃ ଜଣେ ଝିଅଙ୍କ ସର୍ବ ଭାରତୀୟ ସ୍ତରରେ ସଫଳତା ଉଲ୍ଲେଖନୀୟ ରହିଛି ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ



ଅନୁଷ୍ଠାନର ପ୍ରତିଷ୍ଠାତା ଡାକ୍ତର ଶ୍ରୀ ଲଳିତ ମୋହନ ସାମନ୍ତରାୟ ମନୋନୀତ ଛାତ୍ରଛାତ୍ରୀଙ୍କୁ ସଫଳତାର ସହ ପ୍ରଶିକ୍ଷଣ ସମ୍ପାଦନ କରି ପିତା ମାତା ଓ ଏକାଡେମୀର ନାଁ ରଖିବାକୁ ପ୍ରେରଣା ଦେଇଥିଲେ। ସେହିପରି ଅନୁଷ୍ଠାନର ନିର୍ଦେଶକ ତଥା ମୁଖ୍ୟ ପ୍ରଶିକ୍ଷକ ଶ୍ରୀ ଦେବେଶ ସାମନ୍ତରାୟ ସମସ୍ତ ଅଭିଭାବକଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ପ୍ରୟାସରତ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ସଫଳ ହେବାକୁ ଆହ୍ୱାନ ଦେଇଥିଲେ। ପରିଶେଷରେ ଅନୁଷ୍ଠାନର ଉପଦେଷ୍ଟା ଶ୍ରୀ ଗୋକୁଳନନ୍ଦ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ସଫଳତା ନେଇ ଶୁଭକାମନା ଜଣାଇବା ସହ ଆଗାମୀ କାର୍ଯ୍ୟ ସମ୍ପାଦନା ନେଇ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ପରିଚାଳନରେ ସହଯୋଗ କରିଥିଲେ।

# ରାଜଗାଙ୍ଗପୁର ନୂତନ ଭୋଟର ତାଲିକା ପ୍ରକାଶିତ

ରାଜଗାଙ୍ଗପୁର : ରାଜଗାଙ୍ଗପୁର ପୌରପରିଷଦ ସଭାଗୃହ ଠାରେ କେନ୍ଦ୍ର ସରକାର ଙ୍କ ଏସ ଆଇ ଆର୍ ଭୋଟର୍ ସଂଶୋଧନ ପ୍ରକ୍ରିୟା ଏକ ମାସ ଧରି ବି ଏଲ ଓ ବି ଏଲ ଏ ସୁପରଭାଇଜର ଙ୍କ ଦ୍ୱାରା ଘରକୁ ଘର ବୁଲି ପୌରପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡ ର ୫୦ ଟି ବୁଥ ର ଜନସାଧାରଣଙ୍କ ସଠିକ ତଥ୍ୟ ସଂଗ୍ରହ କରି ସରକାର ଙ୍କ ପକ୍ଷରୁ ଡାଫ୍ଟ ରୋଲ ପ୍ରକାଶିତ ହୋଇଥିଲା ସମସ୍ତ ବୁଥ ରେ ପ୍ରକାଶିତ କାର୍ଯ୍ୟକ୍ରମ ରେ ଫଟୋଚିତ୍ର ନିଆଯାଇ ବିଭାଗୀୟ ଅଧିକାରୀ ଙ୍କୁ ଦିଆଯିବା ପରେ ଭୋଟର ଙ୍କ ଆପତ୍ତି ଅଭିଯୋଗ ପାଇଁ ଶୁଣାଣି ଆରମ୍ଭ କରାଯାଇ ନୂତନ ଭୋଟର ତାଲିକା ପ୍ରକାଶିତ କରାଯିବ ବୋଲି ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା ସୁଚନା ଦେଇଥିଲେ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳ ର ପ୍ରତିନିଧି ବି ଏଲ ଓ ବି ଏଲ ଏ ସୁପରଭାଇଜର ଉପାଧକ୍ଷ ଏମଡି ଇରଫାନ ନୋଡାଲ ଅଧିକାରୀ ଡଃ ଐଶ୍ୱର୍ଯ୍ୟ ପାଣିଗ୍ରାହୀ ପରିମଳ ଅଧିକାରୀ କାର୍ତ୍ତିକ ମହାରଣା ଏଇଇ ହଜମ ଟୁଡୁ ପିସି ଡିଲା ବିଭିନ୍ନ ୱାର୍ଡ କାଉନସିଲର ପୌରପରିଷଦ କର୍ମଚାରୀ ଉପସ୍ଥିତ ଥିଲେ।



# ପଶ୍ଚିମ ଓଡିଶା ମହିଳା ସଂଗଠନ ପକ୍ଷରୁ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ପ୍ରଦାନ

ବଲାଙ୍ଗିର,୦୭/୭ - ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଘୁଷୁରାମୁଣ୍ଡା ଗ୍ରାମର ଅଙ୍ଗନୱାଡି ପାଚିକା ଭାବେ ମନୋନୀତ ପୂଣ୍ୟା ହରପାଲଙ୍କ ନିଯୁକ୍ତି ସୁନିଶ୍ଚିତ କରିବା ଓ ଜାତିଭି  ିକ ଭେଦଭାବ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ ପୁଣ୍ୟା ହରପାଲି ନିର୍ଦ୍ଧାରିତ ସରକାରୀ ନିୟମାବଳୀ ଏବଂ ମେରିଟ୍ ଆଧାରରେ ଉକ୍ତ ପଦବୀ ପାଇଁ ମନୋନୀତ ହୋଇଥିବା ସ ୍ୱ ଘୁଷୁରାମୁଣ୍ଡା ଗ୍ରାମର ଆଦିବାସୀ ଜନସାଧାରଣ ତାଙ୍କ ନିଯୁକ୍ତି କୁ ବିରୋଧ କରୁଥିବା ଅଭିଯୋଗ ମିଳିଛି । ଯଦି ଏହି ବିରୋଧ ତାଙ୍କର ଜାତିକୁ ଆଧାର କରି କରାଯାଇଛି, ତେବେ ଏହା ଭାରତୀୟ ସମ୍ବିଧାନର ସମାନତା, ସାମାଜିକ ନ୍ୟାୟ ଓ ମାନବୀୟ ମର୍ଯ୍ୟାଦାର ମୂଳ ଆଦର୍ଶ ବିରୋଧୀ ବୋଲି ସଂଗଠନ ମତ ପ୍ରକାଶ କରିଛି । ଏହି ପରିପ୍ରେକ୍ଷିରେ ପଶ୍ଚିମ ଓଡିଶା ମହିଳା ସଂଗଠନ ଜିଲ୍ଲା ପ୍ରଶାସନକୁ ପୁଣ୍ୟା ହରପାଲଙ୍କ ଆଇନସମ୍ମତ ନିଯୁକ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଜାତିଭି  ିକ ଭେଦଭାଗ କିମ୍ବା ଧମକ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିବା ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଶାନ୍ତି, ସମ୍ପ୍ରୀତି ଓ ଆଇନର ଶାସନ ବଜାୟ ରଖିବା ପାଇଁ ଦାବି କରିଛି ସଂଗଠନର ସବିତା ନାଗ, ଅମ୍ବିକା କୁମ୍ଭାର, ମିନା ସୁନା, ମମତା ବରିହା, ସୀମାରାଣୀ ଗଡତ୍ୟା ଏବଂ ସମସ୍ତ ସଭ୍ୟା ଉପସ୍ଥିତ ଥିଲେ ।



# ପାରାଦୀପ ତୈଳ ବିଶୋଧନାଗାରରେ ବିପର୍ଯ୍ୟୟ ମୁକାବିଲା ଜରୁରୀକାଳୀନ ଅଭ୍ୟାସକୌଶଳ

ପାରାଦୀପ୭।୭(ନି.ପ୍ର.): ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ରେ ଏକ ପର୍ଯ୍ୟାୟ ୩ ଜରୁରୀକାଳୀନ ଅଭ୍ୟାସ କୌଶଳ (ମକଡ୍ରିଲ) ଜୁଲାଇ ୭ ତାରିଖ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି ।ଏହାର ଉଦେଶ୍ୟ ଥିଲା ରିଫାଇନେରୀର ବାହ୍ୟ ଅଞ୍ଚଳକୁ ପ୍ରଭାବିତ କରୁଥିବା ଘଟଣା ପାଇଁ ରିଫାଇନେରୀର ଜରୁରୀକାଳୀନ ପ୍ରତିକ୍ରିୟା ଓ ପ୍ରସ୍ତୁତି ଯାଞ୍ଚ କରିବା ସହ ଷ୍ଟେକ ହୋଲଡର ଏବଂ ମ୍ୟୁଚୁଆଲ ଏଡ୍ ଇଣ୍ଡଷ୍ଟ୍ରିଜ ସହିତ ସହଯୋଗରେ ବିପର୍ଯ୍ୟୟ ପରିସ୍ଥିତର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଉଦେଶ୍ୟ ।

ପାରାଦୀପ ତୈଳବିଶୋଧନାଗାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ଏହି ଅଭ୍ୟାସକୌଶଳ ଆୟୋଜିତ ହୋଇଥିଲା। ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା ଏହି ମକ ଡ୍ରିଲ ର ସମୀକ୍ଷା କରିଥିଲେ । ପାରାଦୀପ ରିଫାଇନେରୀ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ କୌଶିକ ବସୁ ଙ୍କ ଅଧକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ପାରାଦୀପ ରିଫାଇନେରୀ ମ୍ୟାନେଜମେଣ୍ଟ, ଏନଡିଆରଏଫ,ରାଜ୍ୟ ପୋଲିସ ବିଭାଗ, ମ୍ୟୁଚୁଆଲ ଏଡ୍ ସହଯୋଗୀ, ପିପିଏଲ, ଇଫକୋ, ପାରାଦୀପ ବନ୍ଦର ପ୍ରାଧିକରଣ, ପାରାଦୀପ ରିଫାଇନେରୀ ଅଗ୍ନିଶମ ବିଭାଗ ର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ ।ପାରାଦୀପ ତୈଳ ବିଶୋଧନାଗାର ର ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ର କ୍ଲୋରିନ ଗ୍ୟାସ ଲିକ୍ ହୋଇ ଏହାର ମାତ୍ରା ବିଶୋଧନାଗାର ପରିସର ବାହାରକୁ ବ୍ୟାପି ଗଲେ ତାହାକୁ ସଫଳତାର ସହ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ଅଭ୍ୟାସକୌଶଳ ଟି ଆଧାରିତ ଥିଲା । ସେହିପରି ନିକଟସ୍ଥ ପ୍ରଭାବିତ ଅଞ୍ଚଳବାସୀ ଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବାର କୌଶଳ ପ୍ରଦର୍ଶିତ ହୋଇଥିଲା ।





# ବିରିଡି ମହିଳା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଗ୍ରୀନ୍ ଗ୍ରାମ୍ କ୍ରୟ ମଣ୍ଡି ଭାବେ ଅନୁମୋଦିତ

ଜଗତସିଂହପୁର,(ମନ୍ଥନ): ଓରମାସ,ଜଗତସିଂହପୁର ଅଧୀନରେ ଥିବା ବିରିଡି ମହିଳା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଗ୍ରୀନ୍ ଗ୍ରାମ୍ କ୍ରୟ ମଣ୍ଡି ଭାବେ ଅନୁମୋଦନ ହାସଲ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ପଦକ୍ଷେପ ମାଧ୍ୟମରେ, ଏଫ.ପି.ଓ ସଫଳତାର ସହ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ରେ ସ୍ଥାନୀୟ କୃଷକଙ୍କଠାରୁ ୧୦୦ କ୍ୱିଣ୍ଟାଲ ମୁଗ କ୍ରୟ କରିଛି।ଏହି କ୍ରୟ କରାଯାଇଥିବା ମୁଗ ମାର୍କଫେଡ୍ ସହଯୋଗରେ ନାଫେଡ୍ କୁ ପଠାଯାଇଥିଲା। କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରିଥିଲା, ଯେଉଁଥିରେ ବିକ୍ରିରୁ ମିଳୁଥିବା ଅର୍ଥ ସିଧାସଳଖ କୃଷକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଥିଲା। ଏହା ବ୍ୟତୀତ, ଏଫ.ପି.ଓ ୧% ସେବା ଭାଗ ଅର୍ଜନ କରିଛି, ଯାହା ଏହାର ଆର୍ଥିକ ସ୍ଥିତି ମଜବୁତ କରିଛି।ଏହି ପଦକ୍ଷେପ କୃଷକ ସମ୍ପ୍ରଦାୟ ପାଇଁ ଯଥେଷ୍ଟ ଲାଭ ଆଣିଛି। ପୂର୍ବ ବର୍ଷଗୁଡ଼ିକରେ, କୃଷକମାନେ ସେମାନଙ୍କ ଉତ୍ପାଦକୁ କ୍ୱିଣ୍ଟାଲ ପିଛା ୬,୫୦୦ ଟଙ୍କା ଭଳି ସର୍ବନିମ୍ନ ମୂଲ୍ୟରେ ସ୍ଥାନୀୟ ବ୍ୟବସାୟୀ ଏବଂ ମଧ୍ୟସ୍ଥି ମାନଙ୍କୁ ବିକ୍ରୟ କରିବାକୁ ବାଧ ହେଉଥିଲେ। ଚଳିତ ବର୍ଷ, ଏମଏସପି କ୍ରୟ ମାଧ୍ୟମରେ କୃଷକମାନେ କ୍ୱିଣ୍ଟାଲ ପିଛା ୮,୭୬୮ ଟଙ୍କା ପାଇଥିଲେ, ଯାହାର ଫଳସ୍ୱରୂପ କ୍ୱିଣ୍ଟାଲ ପିଛା ପ୍ରାୟ ୨,୨୬୮ ଟଙ୍କା ଅତିରିକ୍ତ ଆୟ ହୋଇଥିଲା।ଏହି ସଫଳ କ୍ରୟ ଦ୍ୱାରା ମିଡିଲ ମ୍ୟାନ ଭୂମିକା ସମାପ୍ତ ହୋଇଛି, ଉଚିତ ମୂଲ୍ୟ ସୁନିଶ୍ଚିତ ହୋଇଛି, କୃଷକଙ୍କ ଆୟବୃଦ୍ଧି ପାଇଛି ଏବଂ ଏଫ.ପି.ଓ ମାଧ୍ୟମରେ ସାମୂହିକ ବିପଣନ ଉପରେ ସେମାନଙ୍କର ବିଶ୍ୱାସ ବୃଦ୍ଧି ପାଇଛି।



# ପାରାଦୀପ କଲେଜ ଏନ୍‌ସିସି ଆଲୁମନି ଆସୋସିଏସନକୁ ‘ପ୍ରକୃତି ମିତ୍ର ପୁରସ୍କାର

ପାରାଦୀପ୭।୭(ନି.ପ୍ର.): - ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଜଗତସିଂହପୁରଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ପାରାଦୀପ କଲେଜ ଏନ୍‌ସିସି ଆଲୁମନି ଆସୋସିଏସନକୁ ‘ପ୍ରକୃତି ମିତ୍ର ପୁରସ୍କାର-୨୦୨୫-୨୬’ ପ୍ରଦାନ କରାଯାଇଛି। ଜିଲ୍ଲାର ଆଠଟି ବ୍ଲକରୁ ମନୋନୀତ ପ୍ରକୃତି ମିତ୍ରମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା କ୍ଷ ଉଲ୍ଲେଖଯୋଗ୍ୟ ଯେ, ‘ପ୍ରକୃତି ମିତ୍ର ପୁରସ୍କାର’ ସାଧାରଣତଃ ରାଜ୍ୟସ୍ତରରେ ପ୍ରଦାନ କରାଯାଉଥିବାବେଳେ ବର୍ତ୍ତମାନ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ଏହା ଜିଲ୍ଲାସ୍ତରରେ ପ୍ରଦାନ କରାଯାଇଛି। ଏହି ଅବସରରେ ପରିବେଶବିତ୍ ତଥା ପାରାଦୀପ କଲେଜ ଏନ୍‌ସିସି ଆଲୁମନି ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି ଯେ, ‘ପୁରସ୍କାର କେବଳ ସମ୍ମାନ ନୁହେଁ, ଏହା ଏକ ବଡ଼ ଦାୟିତ୍ୱ। ସରକାର ଏହି ସମ୍ମାନ ମାଧ୍ୟମରେ ପ୍ରକୃତି ଓ ସମାଜର ସୁରକ୍ଷା ପାଇଁ ଆହୁରି ନିଷ୍ଠାର ସହ କାର୍ଯ୍ୟ କରିବାର ପ୍ରେରଣା ଦେଇଥାନ୍ତି।‘ ପରିବେଶ ପ୍ରଦୂଷଣ ରୋକିବା, ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବା, ବର୍ଜ୍ୟବସ୍ତୁକୁ ସଠିକ୍ ଭାବେ ଡଷ୍ଟବିନରେ ପକାଇ ପୁନଃବ୍ୟବହାରଯୋଗ୍ୟ କରିବା ସହ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଆଜିର ସମୟର ମୁଖ୍ୟ ଆବଶ୍ୟକତା।

ଗତ ତିନି ବର୍ଷ ଧରି ଆସୋସିଏସନ ପକ୍ଷରୁ ନିୟମିତ ଭାବେ ବୃକ୍ଷରୋପଣ,ଗଛ ଚାରା ରୋପଣ,ମାଙ୍ଗ୍ରୋଭ୍ ସଂରକ୍ଷଣ, ପକ୍ଷୀ ଓ ପଶୁମାନଙ୍କ ପାଇଁ ଜଳ ବ୍ୟବସ୍ଥା, ଗ୍ରୀଷ୍ମ ଋତୁରେ ଦହିପାଣି ବଣ୍ଟନ, ସାମାଜିକ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରତ୍ୟେକ ରବିବାର ପାରାଦୀପ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଜାରି ରଖାଯାଇଛି। ଏହି ନିରନ୍ତର ସେବା କାର୍ଯ୍ୟ ପାଇଁ ଆସୋସିଏସନ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା ଲାଭ କରିଛି।ଆଗାମୀ ଦିନରେ ମଧ୍ୟ ପ୍ରକୃତି ସଂରକ୍ଷଣ, ସ୍ୱଚ୍ଛ ପରିବେଶ ସୃଷ୍ଟି ଏବଂ ସମାଜର କଲ୍ୟାଣ ପାଇଁ ଆହୁରି ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।




## ସାଇ ଦିବ୍ୟାଂଶୁ ରଥ ଚିତ୍ରାଙ୍କନ ଓ ପ୍ରଜ୍ୱଳ ପଣ୍ଡା କୁଇଜ୍‌ରେ ପ୍ରଥମ

ପିପିଲି,୭।୭(ନି.ପ୍ର.): ପୂଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ପିପିଲିରେ ବ୍ଲକସ୍ତରୀୟ ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗୀତା ‘ସୃଜନଶୀଳ ଓଡିଶା: କଳ୍ପନା ଓ ବୌଦ୍ଧିକତାର ଶୀର୍ଷ ସମ୍ମାନ’ରବିବାର ପିପିଲି ପୌରାଞ୍ଚଳ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଭୟ ବିଭାଗରେ ସର୍ବମୋଟ୍ ୯୨ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଚତୁର୍ଥ ଶ୍ରେଣୀ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ‘ଗୋପବନ୍ଧୁଙ୍କ ସମୟର ଗ୍ରାମୀଣ ଜନଜୀବନ’ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ ମୋଟ୍ ୫୯ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ଗୋବିନ୍ଦପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ସାଇ ଦିବ୍ୟାଂଶୁ ରଥ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ଗୁଡିଆପୋଖରୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଲୋପାମୁଦ୍ରା ବାରିକ ଦ୍ୱିତୀୟ ସ୍ଥାନ ଓ ପିପିଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ପ୍ରଭୁପ୍ରସାଦ ପଟ୍ଟାୟତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗୀତାରେ ଗୋବିନ୍ଦପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ପ୍ରଜ୍ୱଳ ପଣ୍ଡା ପ୍ରଥମସ୍ଥାନ ଅଧିକାର କରିଥିଲେ।

## ଚନ୍ଦ୍ରଭାଗାରେ ସଂଘବଦ୍ଧ ଆକ୍ରମଣ ଘଟଣା

# ୧୦ରେ କୋଣାର୍କ ଥାନା ଘେରାଉ, ଅଭିଯୁକ୍ତଙ୍କୁ ଛାଡ଼ିଦେଲା ପୁଲିସ

କୋଣାର୍କ, ୭।୭(ନି.ପ୍ର.): ଗତ ୨୬ତାରିଖରେ ଚନ୍ଦ୍ରଭାଗା ବଜାରରେ ଦୁଇ ଭାଇଙ୍କୁ ଲୁହା ରଡରେ ସଂଘବଦ୍ଧ ଆକ୍ରମଣ ଘଟଣାରେ କୋଣାର୍କ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ପରେ ଛାଡିଦେଇଥିବା ଅଭିଯୋଗ ହୋଇଛି। ଫଳରେ ଆସନ୍ତା ୧୦ତାରିଖରେ କାଦୁଆ ଗ୍ରାମ ପଞ୍ଚାୟତ ବିକାଶ ମଞ୍ଚ ପକ୍ଷରୁ କୋଣାର୍କ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। କୋଣାର୍କ ଥାନା ଧନିତ୍ରୀ ଗ୍ରାମର ରଶ୍ମିରଞ୍ଜନ ବେହୁରା,କମଳ ଲୋଚନ ବେହୁରା ସାଥି ମାନଙ୍କ ସହିତ ପିଉସା ପୁଅ ବିବାହ ଉତ୍ସବରେ ଗୋପ ଥାନା ଅନ୍ତର୍ଗତ ନାଗପୁରରୁ ଭୋଜି ସାରି ନିଜ ଗ୍ରାମକୁ ଫେରୁଥିବାବେଳେ ଚନ୍ଦ୍ରଭାଗା ବଜାରରେ ୧୫ରୁ ଉର୍ଦ୍ଧ୍ୱ ଅଜଣା ବ୍ୟକ୍ତି ସଂଘବଦ୍ଧ ଭାବେ ଦୁଇ ଭାଇଙ୍କୁ ଲୁହା ରଡରେ ମରଣାନ୍ତକ ଆକ୍ରମଣ କରିଥିବା କୋଣାର୍କ ଥାନାରେ ଅଭିଯୋଗ ହୋଇଥିଲା । ରଶ୍ମିରଞ୍ଜନଙ୍କ ମୁଣ୍ଡ ଓ ଶରୀରର ଗଭୀର ଆଘାତ ଲାଗିଥିବାବେଳେ ସାନ ଭାଇ କମଳ ଲୋଚନ ଗୁରୁତର ଭାବେ ଆହତ ହୋଇଥିଲେ । ଏହି ଘଟଣାରେ କୋଣାର୍କ ପୁଲିସ ଜଣକୁ ଧରି ପରେ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି। କୋଣାର୍କ, ଚନ୍ଦ୍ରଭାଗା ଓ ରାମଚଣ୍ଡୀରେ ୩ଟି ଥାନା, ବେଳାମାର୍ଗରେ ସିସି କ୍ୟାମେରା ଥାଇ ମଧ ଅଭିଯୁକ୍ତଙ୍କୁ ପୁଲିସ ଧରିପାରିନଥିବାରୁ ପୁଲିସ୍ ଅପାରଗତା ପଦାରେ ପଡ଼ିଛି। ତୁରନ୍ତ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ୧୦ତାରିଖରେ କୋଣାର୍କ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କାଦୁଆ ପଞ୍ଚାୟତ ବିକାଶ ମଞ୍ଚ ଚେତାବନୀ ଦେଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ,ପୁରୀ ଏସପି,ନିମାପଡା ଏସଡିପିଓଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି।

# ଅନୁଗୋଳ ବନଖଣ୍ଡ ଏବଂ ଅନୁଗୋଳ ସର୍କଲ୍ ପାଇଁ ଏକ ଗର୍ବର ମୁହୂର୍ତ୍ତ

ଅନୁଗୋଳ ୭।୭(ନି.ପ୍ର): : ଜୁଲାଇ ୭ ରେ ଅନୁଷ୍ଠିତ ୭୭ତମ ରାଜ୍ୟସ୍ତରୀୟ ବନ ମହୋତ୍ସବ ପୁରସ୍କାର ୨୦୨୬ ରେ, ଅନୁଗୋଳ ସର୍କଲ୍ ଅନ୍ତର୍ଗତ ଅନୁଗୋଳ ବନଖଣ୍ଡର ଜେରେଙ୍ଗ ବନ ସୁରକ୍ଷା ସମିତି (ଠ୫୯) କୁ ରାଜ୍ୟର 'ଶ୍ରେଷ୍ଠ ବନ ସଂରକ୍ଷଣ ସମିତି' (ଇରସ୍ୱଶ୍ୱ ଠ୫୯) ଭାବେ ସମ୍ମାନିତ କରାଯାଇଥିବାରୁ ହାର୍ଦ୍ଦିକ ଅଭିନନ୍ଦନ।

ଭୁବନେଶ୍ୱରର କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବନ ମହୋତ୍ସବ ଉତ୍ସବରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଶୁଭ ଉପସ୍ଥିତିରେ ଏହି ଗୌରବମୟ ପୁରସ୍କାର ପ୍ରଦାନ କରାଯାଇଛି।

ଏହି ସମାରୋହରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ; ଭୁବନେଶ୍ୱରର ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ; ଏକାମ୍ର-ଭୁବନେଶ୍ୱରର ବିଧାୟକ ଶ୍ରୀ ବାବୁ ସିଂହ; ଭୁବନେଶ୍ୱର ମହାନଗର ନିଗମର ମାନ୍ୟବର ମେୟର ଶ୍ରୀମତୀ ସୁଲୋଚନା ଦାସ; ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ; ଓଡ଼ିଶାର ପି.ସି.ସି.ଏଫ୍ ଏବଂ ହେଡ୍ ଅଫ୍ ଫରେଷ୍ଟ ଫୋର୍ସ ଡକ୍ଟର କେ. ମୁରୁଗେସନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲେ।ଏହି ସମ୍ମାନଜନକ ସ୍ୱୀକୃତି ସ୍ଥାନୀୟ ଲୋକଙ୍କ ନେତୃତ୍ୱରେ ଜଙ୍ଗଲ ସଂରକ୍ଷଣ, ସ୍ଥାୟୀ ଜଙ୍ଗଲ ପରିଚାଳନା ଏବଂ ପରିବେଶର ସୁରକ୍ଷା ପ୍ରତି ଜେରେଙ୍ଗ ବନ ସୁରକ୍ଷା ସମିତି ର ଅସାଧାରଣ ପ୍ରତିବଦ୍ଧତାକୁ ସମ୍ମାନିତ କରେ।ଏହି ଉଲ୍ଲେଖନୀୟ ସଫଳତା ଗ୍ରାମ୍ୟ ଜଙ୍ଗଲ କମିଟିର ସଦସ୍ୟ, ସ୍ଥାନୀୟ ସମୁଦାୟ ଏବଂ ଜଙ୍ଗଲ ବିଭାଗର କଠିନ ପରିଶ୍ରମ, ନିଷ୍ଠା ଓ ସାମୂହିକ ଭାବନାକୁ ଦର୍ଶାଏ, ଯାହା ଓଡ଼ିଶାର ଅମୂଲ୍ୟ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ଓ ସମୃଦ୍ଧ କରିବାରେ ସହାୟକ ହୋଇଛି। ଏହି ସ୍ୱୀକୃତି ଓଡ଼ିଶାର ଅନ୍ୟାନ୍ୟ ଜଙ୍ଗଲ ସୁରକ୍ଷା ସମିତିଗୁଡ଼ିକୁ ପ୍ରେରଣା ଯୋଗାଉ ଏବଂ ଆମ ଜଙ୍ଗଲକୁ ସୁରକ୍ଷିତ ରଖି ଏକ ସବୁଜ, ସୁସ୍ଥ ଓ ସମୃଦ୍ଧ ଭବିଷ୍ୟତ ଗଠନ କରିବାରେ ସମସ୍ତଙ୍କୁ ଏକଜୁଟ କରୁ।



# ସାଇବର ସୁରକ୍ଷା ଉପରେ ଶିଶୁ ଓ ଅଭିଭାବକ ମାନଙ୍କ ସଚେତନତା ଶିବିର

ବଲାଙ୍ଗୀର,୭।୭(ନି.ପ୍ର.): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପୁଇନ୍ତଲା ବ୍ଲକ୍ ର ରାମଜୀ ଉଚ୍ଚ ବିଦ୍ୟାଳୟ କୁରୁଲ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ ଏକ ସାଇବର ସୁରକ୍ଷା ଉପରେ ଶିଶୁ ଓ ଅଭିଭାବକ ମାନଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆନନ୍ଦ କୁମାର ସାହୁ ପ୍ରଧାନ ଶିକ୍ଷକଙ୍କ ଅଧକ୍ଷତାରେ ସଚେତନତା ସଭା ଆରମ୍ଭ କରାଗଲା ।ଉକ୍ତ କାର୍ଯକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ କହିଲେ ସାଇବର୍ ସୁରକ୍ଷା ପାଇଁ ରଖିବା,ଅନ୍ୟାନ୍ୟ ଅଜଣା ଲିଙ୍କ୍ କୁ କ୍ଲିକ୍ ନ କରିବା,ସାଇବର୍ ବୁଲିଂ ଅର୍ଥାତ୍ ଭୟଭୀତ କରୁଥିବା ବିଷୟ ଜଣାଇବା ଏବଂ ସରକାରୀ ସହାୟତା ନମ୍ବର୍ ୧୯୩୦ କୁ ତୁରନ୍ତ ଜଣାଇବାପାଇଁ ବୁଝାଇ କହିଥିଲେ ।ସମ୍ମାନିତ ଅତିଥିଭାବେ ପୂର୍ବତନ ଶିକ୍ଷକ ଦିଗମ୍ବର ନାୟକ ଶିଶୁ ମାନେ ଶିକ୍ଷା ପ୍ରତି ଆଗ୍ରହ ହୋଇ ବୈଷୟିକ,ସେଲ୍ଫ ଫାଇନାନ୍ସ,ପି ପି ପି ମୋଡ,ବୃତିଭିତିକ ଶିକ୍ଷା ରେ ନିଯୁକ୍ତି ସୁଯୋଗ ଥିବାରୁ ଅନୁସରଣ କରିବାକୁ ପ୍ରବର୍ଟଥିଲେ ।ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତୀ ଯେ କୌଣସି ଅନଲାଇନ ତଥା ଫେସବୁକ୍, ଇନଷ୍ଟାଗ୍ରାମ, ୱାଟସେପ୍, ୟୁଟ୍ୟୁବ ଭିଡିଓ,ମେସେଜ ର ଭଲ ଦିଗ ଗୁଡିକୁ ଅନୁସରଣ କରି ଭୁଲ ଦିଗକୁ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍ ଶିଶୁ ମାନଙ୍କୁ ଉତ୍ସାହିତ କରି ଧନ୍ୟବାଦ୍ ଦେଇଥିଲେ।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, **Email : odishamanthan@gmail.com**

**● Editor : Sarat Raut**

**ସଂପାଦକ: ଶରତ ରାଉତ**